Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା: ୪୦, ଭୁବନେଶ୍ୱର, ଅଗଷ୍ଟ ୧୯-୨୫, ୨୦୨୪, Vol: 1, Issue: 40, Bhubaneswar, August 19-25, 2024


# ଜନଶୁଣାଣି ଫେସନ୍ ନା ଫାର୍ସ୍

*ଅଭିଯୋଗ, ସାଧାରଣ ଅଭିଯୋଗ, ଜନଶୁଣାଣି, ଜନଶୁଣାଣି କେନ୍ଦ୍ର, ଅଭିଯୋଗ ପ୍ରକୋଷ୍ଠ ଇତ୍ୟାଦି ଶବ୍ଦ ସହିତ ଆଜି ସମସ୍ତେ ଅଙ୍କେବହୁତେ ଜଡିତ ହେଲେଣି। ସାଧାରଣ ଜନତା ନିଜନିଜର ଅଭିଯୋଗକୁ ନେଇ ତଳରୁ ଉପର ସ୍ତର ପର୍ଯ୍ୟନ୍ତ ଧାଇଁବାରେ ବ୍ୟସ୍ତ, ହେଲେ ତାର ଫଳାଫଳ କଣ ସେକଥା କେହି ବୁଝନ୍ତି ନାହିଁ। ଅଭିଯୋଗ ସମାଧାନ ହେଇଛି କି ନାହିଁ ସେ ଉତ୍ତର କାହା ପାଖରେ ନାହିଁ। ସାଧାରଣ ଅସୁବିଧା ଉପୁଜିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ବା ଅଭିଯୋଗ କେନ୍ଦ୍ର ଯିବାକୁ ସଭିଏଁ ପରାମର୍ଶ ଦଉଛନ୍ତି। ସତରେ ସେଥିରୁ କିଛି ସୁଫଳ ମିଳୁଛି ନା ଜନଶୁଣାଣି ଏବେ ଏକ ଫେସନ୍ ସହିତ ଫାର୍ସ୍ ରେ ପରିଣତ ହେଇଛି, ସେଭଳି ଏକ ଗମ୍ଭୀର ବିଷୟରେ ଆଲୋକପାତ କରିଛନ୍ତି ।*

***ଭଏସ୍ ଅଫ୍ ଭିକ୍ଟିମ୍ସର ସମ୍ପାଦକ-ଜ୍ଞାନ ରଞ୍ଜନ ମିଶ୍ର***




**ଅଭିଯୋଗ ଶୁଣାଣି କଣ ?**

ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନତାଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ହିଁ ଶାସକ ଦଳର ପ୍ରାଥମିକ କାର୍ଯ୍ୟ ହୋଇଥାଏ। କାହିଁକି ନା, ଭାରତୀୟ ସମ୍ବିଧାନ ଅନୁଯାୟୀ, ଗଣତନ୍ତ୍ର ଲୋକଙ୍କ ପାଇଁ, ଲୋକଙ୍କ ର ଏବଂ ଲୋକଙ୍କ ଦ୍ୱାରା ପରିଚାଳିତ ହୁଏ। ଯେଉଁଠି ଜନମତ ହିଁ ସର୍ବୋପରି । ତେଣୁ ଲୋକଙ୍କର ପ୍ରତି ସମସ୍ୟାର ସମାଧାନ କରିବା ହିଁ ଏକାନ୍ତ କାମ୍ୟ।

ଆମ ରାଜ୍ୟ ଓଡ଼ିଶାରେ ଏବେ ଦୀର୍ଘ ୨୪ବର୍ଷର ବ୍ୟବଧାନ ପରେ ସରକାର ବଦଳିଛି। ବିଜୁ ଜନତା ଦଳ ବଦଳରେ ଭାରତୀୟ ଜନତା ପାର୍ଟିକୁ ଲୋକେ ରାଜ୍ୟର ଶାସନଭାରକୁ ଅର୍ପଣ କରିଛନ୍ତି। ରାଜ୍ୟ ବିକାଶର ଆଶା, ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ଲୋକେ ବିଜେପି ଉପରେ ଭରସା କରିଛନ୍ତି। କୋଟି କୋଟି ଲୋକଙ୍କର ବିଶ୍ୱାସ ଅଛି ଯେ, ଭାରତୀୟ ଜନତା ପାର୍ଟି ଅଥବା ଡବଲ୍ ଇଞ୍ଜିନ୍ ସରକାର ସେମାନଙ୍କ ଦୁଃଖ ଶୁଣିବ, ପ୍ରତ୍ୟେକଟି ସମସ୍ୟାର ସମାଧାନ କରିବ। ଜନତାଙ୍କ ଇଚ୍ଛାକୁ ପ୍ରାଧାନ୍ୟ ଦେଇ ବିଜେପି ସରକାର ପ୍ରତି ସପ୍ତାହର ସୋମବାର ଦିନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଅଭିଯୋଗ ଶୁଣାଣୀର ବ୍ୟବସ୍ଥା କରିଛନ୍ତି। ହଜାର ହଜାର ସଂଖ୍ୟାରେ ଲୋକେ ନିଜର ଅଭିଯୋଗ ପତ୍ରଧରି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚୁଛନ୍ତି। ଯାହାକି ଅନେକ ବୁଦ୍ଧିଜୀବି ତଥା ବରିଷ୍ଠ ବ୍ୟକ୍ତିଙ୍କ ମତରେ ସ୍ୱାଗତଯୋଗ୍ୟ ହୋଇପାରିଛି। କିନ୍ତୁ, ସତରେ କଣ ଏହି ଅଭିଯୋଗ ପ୍ରକୋଷ୍ଠର କାର୍ଯ୍ୟକାରିତା ସଠିକ୍ ଭାବେ କରାଯାଉଛି ? ସମସ୍ୟା ନେଇ ଆସୁଥିବା ପ୍ରତିଟି ବ୍ୟକ୍ତିଙ୍କୁ କଣ ମୁଖ୍ୟମନ୍ତ୍ରୀ ଭେଟି ସମସ୍ୟା ବୁଝୁଛନ୍ତି ? କେତେ ଲୋକଙ୍କର ସମସ୍ୟାର ସମାଧାନ ହେଉଛି ? ଏମିତି ଅନେକ ପ୍ରଶ୍ନ ରାଜ୍ୟବାସୀଙ୍କ ମନରେ ଉଙ୍କି ମାରୁଛି।

କିଛିଦିନ ତଳେ ଏକ ଗଣମାଧ୍ୟମ ପ୍ରକାଶିତ କରିଥିବା ରିପୋର୍ଟ ଅନୁଯାୟୀ, ଆଠ ଘଣ୍ଟାରେ ପାଞ୍ଚ ହଜାର ଲୋକଙ୍କ ସମସ୍ୟାକୁ ଶୁଣି, ମୁଖ୍ୟମନ୍ତ୍ରୀ ସମାଧାନ କରିବାର ନିଷ୍ପତ୍ତି ନେଇଥିବା ଖବର ଦେଖିବାକୁ ମିଳିଥିଲା। କଣ ସତରେ ଜଣେ ବ୍ୟକ୍ତିର ସମସ୍ୟା ଉପରେ ଚର୍ଚ୍ଚା କରିବା ପାଇଁ ମୁଖ୍ୟମନ୍ତ୍ରୀ ମହୋଦୟ ଙ୍କୁ ମାତ୍ର ୫.୭୬ସେକେଣ୍ଡ ଲାଗୁଛି ? ଅନେକ ଥର, ସମସ୍ୟା ଶୁଣାଣି ଦିନ ଅଭିଯୋଗ ପ୍ରକୋଷ୍ଠ ସାମ୍ନାରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ନିଜ ସମସ୍ୟା ଶୁଣାଇବା ଏବଂ ସମାଧାନର ଆଶା କରି କରି, ମୁଖ୍ୟମନ୍ତ୍ରୀଙ୍କୁ ନଭେଟି ଅନେକ ଲୋକ ଫେରିଯିବାର ଘଟଣା ମଧ୍ୟ ସାମ୍ନାକୁ ଆସୁଛି। କିଛିଦିନ ତଳେ, ପ୍ରକୋଷ୍ଠ ବାହାରେ ଥିବା ଗହଳି ନିୟନ୍ତ୍ରଣ ହରାଇ ଶହ ଶହ ଲୋକେ ଦଳାଚକଟା ହେଉଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଏଭଳି ଘଟଣାକୁ ଏଡାଇବାକୁ ଯାଇ, ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ଯେ, ଅଭିଯୋଗ ପ୍ରକୋଷ୍ଠ ସହିତ ମନ୍ତ୍ରୀମାନେ ବିଜେପିର ରାଜ୍ୟ କାର୍ଯ୍ୟଳୟ ଠାରେ ଜନ ଅଭିଯୋଗ ଶୁଣାଣି କରିବେ। ଏଠି ପ୍ରଶ୍ନ ଉଠୁଛି, ଯଦି ଅଭିଯୋଗ ଶୁଣାଣି କାର୍ଯ୍ୟ ସରକାରଙ୍କର ତେବେ ଏଠି ଦଳୀୟ କାର୍ଯ୍ୟାଳୟର ଆବଶ୍ୟକତା କଣ ?

- ଦଳୀୟ କାର୍ଯ୍ୟାଳୟ ରେ ସରକାରଙ୍କ ଅଭିଯୋଗ ଶୁଣାଣି କାହା ସ୍ୱାର୍ଥରେ
- ଅନ୍ୟ ଦଳର ଲୋକେ କଣ ନିଜର ଅଭିଯୋଗ ନେଇ ସରକାରୀ ଦଳ କାର୍ଯ୍ୟାଳୟ କୁ ଯିବାକୁ ସହଜ ମନେ କରିବେ
- ବିଭାଗୀୟ ମନ୍ତ୍ରୀ ମାନେ ନିଜ ବିଭାଗର ଅଭିଯୋଗ ଶୁଣିବା ସଙ୍ଗେ ସଙ୍ଗେ ନିଜ ନିର୍ବାଚନ ମଣ୍ଡଳୀ ର ସମସ୍ତ ଅଭିଯୋଗ ଶୁଣିବା ଭିତରେ ସୀମିତ ରୁହନ୍ତୁ
- ଗୋଟିଏ ଦିନ ଅଭିଯୋଗ ଶୁଣି ଅନ୍ୟ ଦିନ ତାର ପ୍ରଗତି ବା ସ୍ଥିତି ସରକାର ଯାଞ୍ଚ କରନ୍ତୁ
- ନିଷ୍କ୍ରିୟ ହୋଇଯାଇଥିବା ଜନଶୁଣାଣୀ ପୋର୍ଟାଲ ରେ ଆସୁଥିବା ଅଭିଯୋଗ ଗୁଡ଼ିକ ର ଶୁଣାଣି ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଉ

ଭରତୀୟ ସମ୍ବିଧାନର ମୌଳିକ ଧାରା ୧୯ ଅନୁଯାୟୀ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କ ସ୍ୱାଧୀନତା ମିଳିଛି। ଯାହାର ଆଧାରରେ ଜଣେ ବ୍ୟକ୍ତି, ନିଜ ଇଚ୍ଛା ମୁତାବକ କୌଣସି ବି ରାଜନୈତିକ ଦଳକୁ ସମର୍ଥନ କରିପାରିବେ। ରାଜ୍ୟରେ ଅନେକ ବ୍ୟକ୍ତି ଅଛନ୍ତି ଯିଏ ବିଜେପିକୁ ସମର୍ଥନ କରୁନାହାନ୍ତି ଅଥବା ବିଜେପି କାର୍ଯ୍ୟାଳୟ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏଭଳି କ୍ଷେତ୍ରରେ, ଅନେକ ଲୋକେ ନିଜ ସମସ୍ୟା ସମାଧାନ କରିବାରୁ ବଞ୍ଚିତ ହେବେ। ଅଭିଯୋଗ ଶୁଣାଣି ନିମନ୍ତେ, ସରକାର ଅନ୍ୟ ଏକ ମାର୍ଗ କରିଛନ୍ତି ଯାହା ହେଉଛି ଡିଜିଟାଲ ମାର୍ଗ ଅଥବା ଅଭିଯୋଗ ଶୁଣାଣି ପୋର୍ଟାଲ୍ ଯାହାକୁ ଅନଲାଇନ୍ ଅଭିଯୋଗ ବା ଜନଶୁଣାଣୀ ପୋର୍ଟାଲ ମଧ୍ୟ କୁହାଯାଉଛି। କିଛି ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ, ଉକ୍ତ ଅନଲାଇନ୍ ପୋର୍ଟାଲ୍ ରେ ସମସ୍ୟା ଜଣାଇବାର ମାସ ମାସ ବିତିବା ପରେ ମଧ୍ୟ ତାହାର ସମାଧାନ ହେବା ଦୁରେଥାଉ, ତାକୁ ତର୍ଜମା କରିବାକୁ ମଧ୍ୟ କେହି ମନ ବଳାଉନାହାଁନ୍ତି। ଏଭଳି ପରିସ୍ଥିତିରେ ସଧାରଣ ଜନତାଟିଏ କରିବ କଣ ? ପୂର୍ବ ସରକାରରେ, ଲୋକଙ୍କ ପାଖକୁ ଯାଇ ଟ୍ରକ ଟ୍ରକ ଅଭିଯୋଗପତ୍ର ଗ୍ରହଣ କରାଯାଉଥିଲା । କିନ୍ତୁ ସେସବୁ ମଧ୍ୟରୁ କେତେରେ ସମାଧାନ ହେଉଥିଲା, ତାହାର ବାସ୍ତବତା ଜଣା ପଡୁନଥିଲା। କୋଭିଡ ପରଠୁ ବନ୍ଦ ପଡ଼ିଥିବା ରାଜ୍ୟ ଅଭିଯୋଗ ପ୍ରକୋଷ୍ଠକୁ ଏବେର ବିଜେପି ସରକାର କାର୍ଯ୍ୟକାରି କରି ବାହାବା ନେଉଛନ୍ତି ସତ, କିନ୍ତୁ ପ୍ରକୃତରେ କେତେ ଅଭିଯୋଗର ଶୁଣାଣି ହେଉଛି ଆଉ କେତେ ସମାଧାନ ହେଉଛି ତାହାର ସତ୍ୟତା ଜଣାପଡୁନି। ସମାଜିକ ଗଣମାଧ୍ୟମ ରେ ପ୍ରଚାର ଜୋରଦାର୍ ହେଉଛି, ଅଭିଯୋଗ ଶୁଣାଣି ବେଳର ଫଟୋ, ଭିଡ଼ିଓ ଭାଇରାଲ ହେଉଛି କିନ୍ତୁ ମୁଖ୍ୟମନ୍ତ୍ରୀ କେତେ ସକ୍ରିୟ ଏବଂ ଦଳୀୟ କାର୍ଯ୍ୟାଳୟରେ ସମସ୍ୟା ଶୁଣାଣି କେତେଦୂର ଯୁକ୍ତିଯୁକ୍ତ ତାହାର ବିଚାର ଆପଣମାନେ କରନ୍ତୁ। କିଛି ତଥ୍ୟ ଅଭିଯୋଗ ଶୁଣାଣିର ବାସ୍ତବତାକୁ ଏକ ସରକାରୀ ଫେସନ୍ ବୋଲି କହିବାରେ ଆଦୌ ଦ୍ୱିଧା ରଖୁନାହିଁ କାରଣ

ପୂର୍ବ ସରକାର ଅଭିଯୋଗ ପିଛା ସରକାରୀ ହିସାବ ଅନୁସାରେ, ସତାବନ ହଜାର ଅଭିଯୋଗକୁ ନଅ କୋଟି ଖର୍ଚ୍ଚ ମାନେ ଅଭିଯୋଗ ପିଛା ୧୫୭୮ ଟଙ୍କା ସରକାରୀ ତହବିଲ ରୁ ଖର୍ଚ୍ଚ କରିଥିଲେ। ଏବେ ଲୋକେ ବହୁତ ଦୂର ରୁ ଆସି ରାଜଧାନୀ ଭୁବନେଶ୍ୱର ରେ ରହି ଅଭିଯୋଗ ଶୁଣାଣି ପାଇଁ ସକାଳୁ ସଞ୍ଜ ଯାଏଁ ଅପେକ୍ଷା କରି ରହୁଛନ୍ତି। ଏହାଦ୍ୱାରା ସାଧାରଣ ଲୋକଟିଏ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ କେତେ ଯେ ପଇସା ଖର୍ଚ୍ଚ କରୁଥିବ ତାର ହିସାବ ନାହିଁ। ଫଳାଫଳ କଣ ସେକଥା ନିଜେ ଅଭିଯୋଗକାରୀ ହିଁ ଜାଣିଥିବ। ଫରକ୍ ଏଇୟା ସେତେବେଳେ ସରକାର ବିନା ଆବଶ୍ୟକତାରେ ସରକାରୀ ଖର୍ଚ୍ଚ କରୁଥିଲେ ଏବେ ସାଧାରଣ ଜନତା ତାଙ୍କ ନିଜ ପକେଟ୍ ରୁ ଖର୍ଚ୍ଚ କରୁଛନ୍ତି। ଆଉ ଯେଉଁ ବିଶେଷ କଥାଟି ସର୍ବଦା ଉହ୍ୟ ରହିଯାଉଛି ତାହା ସବୁଠୁ ବେଶୀ ଚିନ୍ତାର ବିଷୟ। ସାଧାରଣତଃ ଅଭିଯୋଗ ଶୁଣିବା ନିମନ୍ତେ ଆମ ଗଣତନ୍ତ୍ର ରେ ପଞ୍ଚାୟତ ସ୍ତରରୁ ବିଧି ବ୍ୟବସ୍ଥା ରହିଛି। ଜନସାଧାରଣ ସରପଞ୍ଚ ଙ୍କ ଠାରୁ ଆରମ୍ଭ କରି ବିଡ଼ିଓ, ତହସିଲଦାର, ଜିଲ୍ଲାପାଳ ଓ ଲୋକ ପ୍ରତିନିଧି ଙ୍କ ନିକଟରେ ବ୍ୟକ୍ତିଗତ ଭାବରେ ହେଉ କି ସାମୁହିକ ସମସ୍ୟା କୁ ନେଇ ହେଉ ଅଭିଯୋଗ ଦାବିପତ୍ର ମାଧ୍ୟମରେ ଉପସ୍ଥାପିତ କରିଥାନ୍ତି ।

ସେଥିନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କୁ ତ୍ୱରାନିତ କରିବା ଓ ତାର କାର୍ଯ୍ୟକାରିତା କୁ ତଦାରଖ କରିବା ସରକାରଙ୍କ ପ୍ରମୁଖ କର୍ତ୍ତବ୍ୟ ବୋଲି ମନେକରାଯାଏ। ଏହା ବ୍ୟତୀତ ପୋଲିସ ଥାନା ଓ ଅଦାଲତ ମାଧ୍ୟମରେ ଅଭିଯୋଗ ବାଢିବାର ବ୍ୟବସ୍ଥା ମଧ୍ୟ ଅଛି।

ଏବେ କିନ୍ତୁ ସେଥିରେ ବ୍ୟତିକ୍ରମ ଦେଖାଯାଉଛି। କାହାର ବ୍ୟକ୍ତିଗତ ଗଣ୍ଡଗୋଳ ହେଉ କି ଛୋଟମୋଟ ସମସ୍ୟା ସିଧା ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଯାଉଛି। ଆଇନ ଅନୁସାରେ ଅଭିଯୋଗକାରୀ ଯେବେ ବ୍ୟବସ୍ଥା ମଧ୍ୟଦେଇ ନଯାଏ ସେତେବେଳେ ଅଦାଲତରେ ତାକୁ ଉପଯୁକ୍ତ ନ୍ୟାୟ ମିଳିବା ସମ୍ଭବ ହୁଏ ନାହିଁ। ସମସ୍ତ ଅଭିଯୋଗ ବିଧି ବ୍ୟବସ୍ଥା ଓ ବିଭାଗୀୟ ସ୍ତର ଦେଇ କରିବା ଦରକାର। ଏହାକୁ ଆପ୍ରୋପ୍ରିଏଟ୍ ଫୋରମ୍ ବା ପ୍ରପର୍ ଫୋରମ୍ ବୋଲି କୁହାଯାଏ। ପୋଲିସ ଥାନାରେ ଅଭିଯୋଗ ସମାଧାନ ନହେଲେ ଏସ.ପି ଙ୍କୁ ଅଭିଯୋଗ କରାଯିବ, ସେଠି ସମାଧାନ ନହେଲେ ଡି.ଜି କିମ୍ବା ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିହେବ। ଶେଷରେ ଅଦାଲତ ରେ ଅଭିଯୋଗ ଦାଖଲ କରାଯାଏ। ଅଦାଲତ ପ୍ରକିୟା ମଧ୍ୟ ବିଭିନ୍ନ ସ୍ତର ଦେଇ ଯାଇଥାଏ। ନିମ୍ନ ଅଦାଲତ, ବିଭାଗୀୟ ଅଦାଲତ, ଉଚ୍ଚ ନ୍ୟାୟାଳୟ, ବିଭିନ୍ନ ଟ୍ରିବ୍ୟୁନାଲ କିମ୍ବା ଶେଷରେ ଉଚ୍ଚତମ ନ୍ୟାୟାଳୟରେ ଅଭିଯୋଗ ଦାଖଲ କରାଯାଏ। ଉପଯୁକ୍ତ ସ୍ଥାନରେ ଅଭିଯୋଗ ନକଲେ ସମୟର ବୃଥା ଅପଚୟ ହୋଇଥାଏ କେବେକେବେ ଆର୍ଥିକ ଦଣ୍ଡ ମଧ୍ୟ ଦିଆଯାଏ। ସେହିପରି ଭାବେ ରାଜ୍ୟର ମୁଖ୍ୟମନ୍ତ୍ରୀ ହୁଅନ୍ତୁ କି ବିଭାଗୀୟ ମନ୍ତ୍ରୀ ସମସ୍ତଙ୍କର ସମୟ ବହୁତ ମୂଲ୍ୟବାନ। ସେମାନେ ଏହିଭଳି ନାଟକୀୟ ଜନଶୁଣାଣି ଶିବିର ନକରି ମୂଲ୍ୟହୀନ ଅଭିଯୋଗ ନଶୁଣି ବିଧି ବ୍ୟବସ୍ଥା ଏବଂ ସଠିକ ସ୍ଥାନରେ ଅଭିଯୋଗ ବାଢିବାକୁ ପରାମର୍ଶ ଦିଅନ୍ତୁ। ନହେଲେ ଦିନ ଆସିବ ଘରୋଇ କଳିର ଅଭିଯୋଗ ମଧ୍ୟ ମୁଖ୍ୟମନ୍ତ୍ରଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିବା ଆରମ୍ଭ ହେବ। କେବଳ ଫାର୍ସ୍ ହେଇ ରହିଯିବ ଅଭିଯୋଗ ଶୁଣାଣି।




## ସଂ ପା ଦ କୀ ୟ

# ସୁରକ୍ଷା ଲୋଡୁଛି ଭାଷା

କଥାରେ ଅଛି ଭାଷାଟିଏ ମରିଗଲେ ଜାତିଟିଏ ମରିଯାଏ ଏବଂ ତାହାର ସଂସ୍କୃତି ଲୋପ ପାଏ। ତେଣୁ ଏ କାମଟି ପ୍ରତି କେନ୍ଦ୍ର ସରକାର ଅଗ୍ରାଧିକାର ଭିତିରେ ଦୃଷ୍ଟି ଦେବା ଆବଶ୍ୟକ। ଓଡ଼ିଶାରେ ବସବାସ କରୁଥିବା ୬୨ପ୍ରକାର ଜନଜାତି ବର୍ଗର ଲୋକ ୭୪ ପ୍ରକାର ଭାଷା କହନ୍ତି। ବିଶେଷଜ୍ଞମାନଙ୍କ ମତରେ ଏହି ଭାଷା ମଧ୍ୟରୁ ୧୩ଟି ବିଲୁପ୍ତପ୍ରାୟ। ସେଥିମଧ୍ୟରୁ ବାଲ୍ମିକୀ, ମହ୍ଲାର, ଜୁଆଙ୍ଗ, କିସାନ, କୋୟା, ଓରାମ, ମୁଣ୍ଡାରୀ, ସୌରୀ, ଗଡ଼ବା, ବଡ଼ଗଡ଼ବା, ଭୂମିଜ, ହୋ ଓ ଗୋଣ୍ଡି ଆଦି ଅନ୍ୟତମ। କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସୂଚନା ଅନୁସାରେ ସମଗ୍ର ଦେଶରେ ୮୨ଟି ଆଦିବାସୀ ଭାଷା ବିପନ୍ନ। ସେ ସବୁ ଭାଷାର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ସହାୟତାରେ ବର୍ଣ୍ଣବୋଧ ପ୍ରସ୍ତୁତ ହୋଇଛି। ଓଡ଼ିଶାରୁ ସେଥିରେ ପାଞ୍ଚଟି ଯଥା ଜୁଆଙ୍ଗ, କିସାନ, କୋୟା, ଓରାମ ଓ ସୌରା ଅନ୍ତର୍ଭୁକ୍ତ। ତେବେ ଓଡ଼ିଶାରେ ବିପନ୍ନପ୍ରାୟ ତାଲିକାରେ ଥିବା ଆଦିବାସୀ ଭାଷା ସଂଖ୍ୟା ୧୯। ସରକାରୀ ତଥ୍ୟ ଅନୁସାରେ ଆଦିବାସୀ ଭାଷାଗୁଡ଼ିକ ମଧ୍ୟରୁ କେତେକ ବିଲୁପ୍ତ ହୋଇ ସାରିଥିବାବେଳେ ଆଉ କେତେକ ଅତିଶୟ ବିପନ୍ନ, ବିଲୁପ୍ତପ୍ରାୟ ବିପନ୍ନ ବର୍ଗରେ ରହିଛି। ଏହାର କାରଣ ବିଭିନ୍ନ। ଭାଷାର ବ୍ୟବହାର ନ ହେଲେ, ସମ୍ପୃକ୍ତ ଭାଷାଭାଷୀଙ୍କ ଜନସଂଖ୍ୟା ବିପଜ୍ଜନକ ଭାବେ କମିଗଲେ କିମ୍ବା ବାହ୍ୟ ସଂସ୍କୃତି ଓ ଭାଷାର ପ୍ରଭାବ ଅଧିକ ହେଲେ ଭାଷା ମରିଯାଏ। ଏବେ ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାକ୍ କୌଶଳ ଓ ଶିଶୁ ଶ୍ରେଣୀଠାରୁ ଆରମ୍ଭ କରି ଉପର ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି। ତେବେ ସେସବୁ ଭାଷାର ସୁରକ୍ଷା ଓ ବିକାଶ ନ ହେଲେ ଏହି କାମଟି ହେବା ଅସମ୍ଭବ ମନେହୁଏ। ରାଜ୍ୟର ଆଦିବାସୀବହୁଳ ଜିଲ୍ଲାମାନଙ୍କରେ ବିପନ୍ନ ଆଦିବାସୀ ଭାଷାର ସୁରକ୍ଷା ପାଇଁ ବିଭିନ୍ନ ଘରୋଇ ଓ ସରକାରୀ ଅନୁଷ୍ଠାନ ଅବଶ୍ୟ କାମ କରୁଛନ୍ତି। ଏଥିରେ ଶିଳ୍ପ ସଂସ୍ଥାମାନେ ମଧ୍ୟ ସହଯୋଗ ଯୋଗାଉଛନ୍ତି। ଯାଜପୁର ଜିଲ୍ଲାର ସୁକିନ୍ଦା ଓ ଦାନଗଦି ଅଂଚଳରେ ଘରୋଇ ଶିଳ୍ପ ସଂସ୍ଥା ଉଦ୍ୟମରେ ୬୮ଟି ଆଦିବାସୀ ଭାଷା ସୁରକ୍ଷା କେନ୍ଦ୍ର ଚାଲିଛି। ରାୟଗଡ଼ା, ସୁନ୍ଦରଗଡ଼ ଓ ଅନୁଗୋଳ ଜିଲ୍ଲାରେ ମଧ୍ୟ ଏଭଳି ପ୍ରୟାସ ଆରମ୍ଭ ହୋଇଥିବାର ଖବର ମିଳୁଛି। ଏହା ନିଶ୍ଚିତ ଭାବେ ଏକ ସାଧୁ ଉଦ୍ୟମ। ତେବେ ଏଥିପାଇଁ କେନ୍ଦ୍ରୀୟ ସ୍ତରରେ ନୀତି ପ୍ରସ୍ତୁତ ହୋଇ ସର୍ବଭାରତୀୟ ସ୍ତରରେ ତାହା କାର୍ଯ୍ୟକାରୀ ହେବା ଉଚିତ। ଯେଉଁ ଆଦିବାସୀ ଭାଷାର ନିଜସ୍ୱ ଲିପି ଅଛି, ସେ ଭାଷାକୁ ବଂଚାଇବା କଷ୍ଟସାଧ୍ୟ ହେବ ନାହିଁ। ଉଦାହରଣ ସ୍ୱରୂପ ହୋ ଓ ସାନ୍ତାଳିର ନିଜସ୍ୱ ଲିପି ଯଥାକ୍ରମେ ୱାରାଙ୍ଗଚିଟି ଓ ଅଲଚିକି ରହିଛି। ତେବେ ଯେଉଁମାନଙ୍କର ଲିପି ନାହିଁ, ସେ ଭାଷାର ସୁରକ୍ଷା ଏକ କଷ୍ଟସାଧ୍ୟ ବ୍ୟାପାର। ସେ ସବୁ ପିଲାଙ୍କୁ ସେହି ଭାଷାରେ କଥା କହି ତାଙ୍କ ସଂସ୍କୃତିର କାହାଣୀ ଶୁଣାଇ ସେ ଭାଷାକୁ ପ୍ରଥମେ ବଂଚାଇବାକୁ ହେବ ଓ ପରବର୍ତୀ ସମୟରେ ଲିପି ପ୍ରସ୍ତୁତ କରିବାକୁ ପଡ଼ିବ। ଭାଷା ମୃତ୍ୟୁ ସମସ୍ୟା ସମଗ୍ର ବିଶ୍ୱରେ ଉତ୍କଟ। ଏକ ପରିସଂଖ୍ୟାନ ଅନୁସାରେ ବିଶ୍ୱର ୬୦୦୦ କଥିତ ଭାଷା ମଧ୍ୟରୁ ୪୩ ଶତାଂଶ ବିପନ୍ନ। ପ୍ରତିଦିନ ଗୋଟେ ଦିଇଟା ଭାଷା ମରୁଛି; କାରଣ ସେ ଭାଷା କହୁଥିବା ଶେଷ ଲୋକର ମୃତ୍ୟୁ ସହିତ ତାହାର ମାତୃଭାଷା ବିପନ୍ନ ହେଉଛି। ଓଡ଼ିଶାରେ ଅନେକ ଆଦିବାସୀ ନିଜସ୍ୱ ଭାଷା ସହିତ ଅନେକ ଉପଭାଷା ମଧ୍ୟ କହିଥା'ନ୍ତି। ସେଥିରୁ ୧୩ଟି ମରିଗଲାଣି ବୋଲି କୁହାଯାଉଛି। ଆମ ଦେଶରେ ଆଂଚଳିକ ବା ପ୍ରାଦେଶିକ ଭାଷାର ପ୍ରାଧାନ୍ୟ ସହିତ ହିନ୍ଦୀ ଓ ଇଂରାଜୀର ବହୁଳ ବ୍ୟବହାର, ପେଟପାଟଣା, ପାଠପଢ଼ା, ସ୍ଥାନାନ୍ତରଣ, ଧର୍ମାନ୍ତର ଓ ବାହ୍ୟ ସାଂସ୍କୃତିକ ପ୍ରଭାବ ଯୋଗୁଁ ଏଭଳି ହେବା ସ୍ୱାଭାବିକ। ଭାଷା ସହିତ କଥନ, ଲିଖନ ଓ ପଠନ ଜଡ଼ିତ। ସେ ଶୃଙ୍ଖଳା ବିଗିଡ଼ିଲେ ଭାଷା ମରିବା ସ୍ୱାଭାବିକ। ଅତଏବ ବିପନ୍ନପ୍ରାୟ ଭାଷାକୁ ବଞ୍ଚାଇବା କେବଳ ଏକ ଆହ୍ୱାନ ନୁହେଁ, ଏହା ଅତ୍ୟନ୍ତ ବ୍ୟୟବହୁଳ ଓ କଷ୍ଟସାଧ୍ୟ ବ୍ୟାପାର। ତଥାପି ସରକାରୀ ଆଗ୍ରହ ଓ ସଦିଚ୍ଛା ରହିଲେ ଏ କାମଟି ସହଜରେ ହୋଇପାରିବ। ମାତୃଭାଷା ସଚେତନ ଲୋକେ ନିଶ୍ଚୟ ଏଥିରେ ଅକପଟ ସହଯୋଗ ଯୋଗାଇବେ। ତେବେ ପରିବର୍ତିତ ସମୟରେ ଭାଷା ରୋଜଗାର ସହିତ ଜଡ଼ିତ ହେଲାଣି। ମାତୃଭାଷା ଯଦି ରୋଜଗାରର ଭାଷା ନ ହେବ, ତାହାକୁ ବଞ୍ଚାଇ ରଖିବା କଷ୍ଟ। ଥରେ ଭାଷା ହଜିଗଲେ ସେହି ନିର୍ଦ୍ଦିଷ୍ଟ ଭାଷାଭାଷୀଙ୍କ ପରିଚୟ ହଜିଯାଏ। ତେଣୁ ସେମାନଙ୍କର ଭାଷାର ସୁରକ୍ଷା ଅର୍ଥ ସେମାନଙ୍କର ପରିଚୟର ସୁରକ୍ଷା। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ରହିଛି। କେନ୍ଦ୍ରରେ ଏକ ସ୍ୱତନ୍ତ୍ର ବିଭାଗ ଆଦିବାସୀ ମନ୍ତ୍ରଣାଳୟରେ ଅଛି। ଆମ ଦେଶର ପ୍ରଥମ ଆଦିବାସୀ ରାଷ୍ଟ୍ରପତି ଭାବେ ଜଣେ ଓଡ଼ିଆ ମହିଳା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଅଧିଷ୍ଠିତ ହୋଇଛନ୍ତି। ତେଣୁ ଆଦିବାସୀଙ୍କ ବିପନ୍ନ ଭାଷାକୁ ବଂଚାଇବାର ସମୁଚିତ ପଦକ୍ଷେପ ସରକାର ଶୀଘ୍ର ଗ୍ରହଣ କରିବେ ବୋଲି ଆଶା।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଆମ ସଂସ୍କୃତିରେ କାଉଡିବାଲା



ଡକ୍ଟର ଅଭିମନ୍ୟୁ ବରାଳ

ଓଡିଶା ଏକ ସଂସ୍କୃତି ସମ୍ପନ୍ନ ରାଜ୍ୟ । ଓଡିଶା ପୂର୍ବ ଭାରତର ମଧ୍ୟ ଭାଗରେ ଅବସ୍ଥିତ ଏବଂ ଏହି ରାଜ୍ୟର ସୀମା ଉତ୍ତର ଓ ଦକ୍ଷିଣ ଭାରତକୁ ସ୍ପର୍ଶ କରିଛି । ତେଣୁ ଓଡିଶାରେ ଉତ୍ତର ଓ ଦକ୍ଷିଣ ଭାରତୀୟ ସଂସ୍କୃତିର ପ୍ରାୟ ସମ୍ମନ୍ୱୟ ଘଟିଛି । ଉତ୍ତର ରାଜ୍ୟ ଗୁଡିକର ବିଷ୍ଣୁ ଉପାସନା ଓ ଦକ୍ଷିଣ ରାଜ୍ୟର ଶିବୋପାସନା, ଏଠାରେ ସମାନ ଭାବରେ ପ୍ରଚଳିତ । ବିଷ୍ଣୁଭକ୍ତି ପ୍ରାପ୍ତ ହେବାକୁ ହେଲେ ଶିବଙ୍କ ଉପାସନା ଏକାନ୍ତ ଆବଶ୍ୟକ । ତେଣୁ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମ ଚରିତ ମାନସରେ କହିଛନ୍ତି -

"ଯେହି ପର କୃପା ନ କରହୁ ପୁରାରୀ
।
ସୋ ନପାାବ ମୁନି ଭଗତି ହମାରି ॥
ଶିବ ଦ୍ରୋହୀ ମମ ଭଗତ କହାବା ।
ସୋ ନର ସୋପନହି ମୋହି ନପାବା
॥"

ସୁତରାଂ ଶିବାରାଧନା ହିଁ ବିଷ୍ଣୁ ଭକ୍ତି ପ୍ରାପ୍ତର ପ୍ରଥମ ସୋପାନ । ତେଣୁ ଶିବଙ୍କ ଲିଙ୍ଗରେ ଜଳ ଢାଳିଲେ ଶିବ ସନ୍ତୁଷ୍ଟ ହୁଅନ୍ତି । କାରଣ "ଉପସନା ପ୍ରିୟ ବିଷ୍ଣୁଃ ଜଳପ୍ରିୟ ସଦାଶିବଃ ।" ଯେକୌଣସି ସମୟରେ ଶିବ ଲିଙ୍ଗରେ ଜଳଦାନ କରିବା ଏକ ଭାକ୍ତିକ ଚେତନା - ଏଥିରେ ସନ୍ଦେହ ନାହିଁ ।

ସମ୍ପ୍ରତି ଶ୍ରାବଣ ମାସ ସୋମବାର ଦିନ ଜଳଭାର ନେଇ କାଉଡିବାଲା ମାନେ ଯେଉଁ ଶିବ ଲିଙ୍ଗରେ ଢାଳୁଛନ୍ତି ତାହା ଓଡିଶା ସଂସ୍କୃତିର ପରମ୍ପରା ନୁହେଁ । ମୂଳତଃ ଏହା ରାଜସ୍ଥାନୀ ପରମ୍ପରା । ରାଜସ୍ଥାନ ରାଜ୍ୟଟି ମରୁଭୂମିରେ ପରିପୂର୍ଣ୍ଣ । ସେଠାରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥାଏ । ଶ୍ରାବଣ ମାସର ପ୍ରଥମ ବର୍ଷାଜଳ ନଦୀରୁ ନେଇ ସୋମବାର ଦିନ ଭଗବାନ ଶଙ୍କରଙ୍କୁ ଜଳାଭିଷେକ କଲେ ଆଶୁତୋଷ ଭଗବାନ ଶଙ୍କର ସଦ୍ୟଫଳ ପ୍ରଦାନ କରିଥାନ୍ତି । ତେଣୁ ସେହି ରାଜ୍ୟର ଭକ୍ତମାନେ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଦିନ ଶିବଲିଙ୍ଗଙ୍କୁ ଜଳାଭିଷେକ କରନ୍ତି । କାଳକ୍ରମେ ରାଜସ୍ଥାନର ମାରୱାଡି ମାନେ ବ୍ୟବସାୟ କରିବାକୁ ଦେଶର ବିଭିନ୍ନ ଭାଗରେ ବସବାସ କରି ରହିଲେ । ଫଳରେ ସେମାନେ ରାଜସ୍ଥାନର ପ୍ରଚଳିତ ଏହି ଜଳାଭିଷେକ ପରମ୍ପରାକୁ ଏଠାରେ ଆରମ୍ଭ କରିଦେଲେ । ସେମାନେ ଓଡିଆ ଲୋକଙ୍କୁ ଅର୍ଥ ଦେଇ କିମ୍ବା ନିଜେ ମଧ୍ୟ ଯାଇ ମହାନଦୀରୁ ଜଳ ଉଠାଇ ବିଭିନ୍ନ ଶୈବପୀଠରେ ଢାଳନ୍ତି । ଏହା ସମ୍ପୂର୍ଣ୍ଣ ଏକ ଧର୍ମୀୟ ଭାବନା ଉପରେ ଆଧାରିତ ।

ପ୍ରଥମେ ପ୍ରଥମେ ସିନା ମାରୱାଡି ମାନଙ୍କ ଦ୍ୱାରା ଏ କାର୍ଯ୍ୟ ହେଉଥିଲା, ଏବେ କିନ୍ତୁ ଏହା ଓଡିଶାର ଏକ ଗଣଯାତ୍ରାରେ ପରିଣତ ହୋଇଯାଇଛି । ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ଲୋକମାନେ ଶିଖା, ବାହାଙ୍ଗି ଓ କଳସି ଧରି ଯାତ୍ରା କରୁଛନ୍ତି । ଆଗେ କେବଳ ପୁରୁଷ କାଉଡିବାଲା ହିଁ ପାଣି ପାଇଁ ଯାଉଥିଲେ । ଏବେ କିନ୍ତୁ ବହୁ ସଂଖ୍ୟାରେ ମହିଳା, ଯୁବତୀ ଓ ନାବାଳିକା ମଧ୍ୟ ଏହି ଯାତ୍ରାରେ ସାମିଲ ହେବାର ଦେଖାଯାଉଛି । ଶିକ୍ଷିତ ଅଶିକ୍ଷିତ କାହାକୁ ବାରଣ ନାହିଁ । ମୋଟାମୋଟି ଭାବେ କହିବାକୁ ଗଲେ ଆବାଳ-ବୃଦ୍ଧ-ବନୀତା, ଆମୂର୍ଖ-ପଣ୍ଡିତ, ଆନଗର-ଜନପଦ ସମସ୍ତେ ଏଥିରେ ସାମିଲ ।

ମନକାମନା ପୂର୍ଣ୍ଣ ହେବା ପାଇଁ ଭକ୍ତମାନେ ଜଳାଭିଷେକ କରିବାକୁ ସୁଦୂର ପଥ ଅତିକ୍ରମ କରି ଜଳଭାର ନେଇ ଆସିଥାନ୍ତି । ଅବଶ୍ୟ ଅନେକ ବ୍ୟକ୍ତିଙ୍କର ମନକାମନା ପୂର୍ଣ୍ଣ ହେବାର ନଜିର ରହିଛି । କିନ୍ତୁ କିଛି ବ୍ୟକ୍ତି ବିଶଷେତଃ କେତେକ ଯୁବକ କୌଣସି କାମନା ନଥାଇ ଏମିତି ମଜା କରିବାକୁ ଆସିଥାନ୍ତି । ବର୍ଷକେ ଥରେ ପିକିନିକ କରିବାକୁ ଆସିବା ଭଳି ସେମାନେ ବିଚରଣ କରନ୍ତି । ଜଳଭାର ଧରି ଆସୁଥିବା ସମୟରେ ବାଟରେ ମାଦକ ଦ୍ରବ୍ୟ ସେବନ ଭଳି ଅନେକ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଯୁବତୀ କାଉଡିବାଲା ମାନଙ୍କୁ ଅଶ୍ଳୀଳ ଇଙ୍ଗିତ ତଥା ଅସଦାଚରଣ କରିବାର ଦୃଷ୍ଟାନ୍ତ ଗଣମାଧ୍ୟମରେ ପ୍ରଚାରିତ ହୋଇଛି । ଆହୁରି ମଧ୍ୟ ହେରୋଇନ୍, ଚୌରସ ପ୍ରଭୃତି ମାଦକ ଦ୍ରବ୍ୟ ଏମାନଙ୍କ ଦ୍ୱାରା ଚାଲାଣ ହେବାର ନଜିର ମଧ୍ୟ ରହିଛି । ଧାର୍ମିକ ଚେତନା ସହିତ ଧର୍ମୀୟ ଭାବନା ମଧ୍ୟରେ ଆରମ୍ଭ ହୋଇଥିବା ଏହି ଜଳଭାର ଯାତ୍ରା ଏବେ କଳୁଷିତ ହେବାକୁ ଯଉଛି । ଅଶିକ୍ଷିତ ତଥା ଅର୍ଦ୍ଧଶିକ୍ଷିତ ବେକାର ଯୁବକମାନେ ଏହାର ପରିବେଶକୁ ଅତ୍ୟନ୍ତ ବିଷମୟ କରିଦେଉଛନ୍ତି । ରାସ୍ତାରେ ପାଣି ଧରି ଯିବାବେଳେ ସେମାନେ ଯେଉଁ ଅଶ୍ଳୀଳ ତଥା ଶ୍ରୁତିକଟୁ ସ୍ଲୋଗାନ ଦେଉଛନ୍ତି, ତାହା ମଧ୍ୟ ଆଧାତ୍ମିକ ପରିବେଶକୁ ଦୁଷିତ କରୁଛି । ଗୋଟିଏ ଉଦାହରଣ ଦେଖନ୍ତୁ - କିଛି ଭକ୍ତ କହନ୍ତି 'ଜଟିଆ ବା ପାର୍ କରେଗା', 'ଭୋଳା ବାବା ପାର୍ କରେଗା' କିନ୍ତୁ ଭାଣ୍ଡାମୀ କରିବା ଉଦ୍ଦେଶ୍ୟରେ କିଛି ଯୁବକ ବ୍ୟଙ୍ଗ କରି କହିଥାନ୍ତି - 'ଗଣେଶ ଫାଦର୍ ପାର୍ କରେଗା' ଏହିପରି ଅନେକ ସ୍ଲୋଗାନ । ଏହା ଆମ ସଂସ୍କୃତି ନା ସଂସ୍କୃତିର ଅବକ୍ଷୟ-ଅପସଂସ୍କୃତି ?

ଜଳଭାର ଧରି କାଉଡିବାଲା ମାନେ ଆସୁଥିବା ବେଳେ ଯାନବାହାନ ଚଳାଚଳରେ ନାହିଁ ନଥିବା ଅସୁବିଧା ସୃଷ୍ଟି ହୁଏ । ସେମାନେ ସ୍ୱାଚ୍ଛନ୍ଦ୍ୟରେ ରାସ୍ତା ମଝିରେ ଯାତ୍ରା କରନ୍ତି । କୌଣସି ଟ୍ରାଫିକ୍ ନିୟମ ମାନନ୍ତି ନାହିଁ । ଫଳରେ ଟ୍ରାଫିକ୍ ସମସ୍ୟା ଅତ୍ୟନ୍ତ ଗୁରୁତର ହୋଇପଡେ । କୌଣସି ଭି.ଭି.ଆଇ.ପି.ଙ୍କ ଗାଡି କିମ୍ବା ଆମ୍ବୁଲାନ୍ସ ମଧ୍ୟ ଯିବାରେ ସେମାନେ ସମସ୍ୟା ସୃଷ୍ଟି କରିଥାନ୍ତି । ଶ୍ରାବଣ ମାସର ପ୍ରତ୍ୟେକ ଶୁକ୍ର, ଶନି ଓ ରବିବାରରେ ଏହି ଉତ୍କଟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୁଏ । ଫଳରେ ସାଧାରଣ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଖାଲି ସେତିକି ନୁହେଁ ଖାଇବା ପତ୍ର, ପାଣି ପାଉଚ୍ ରାସ୍ତାରେ ଫିଙ୍ଗିଦେବା ଦ୍ୱାରା ପରିବେଶ ବିଶେଷ ପ୍ରଭାବିତ ହୁଏ । ସେମାନଙ୍କ ଉପରେ କୌଣସି ଲଗାମ ନଥିବାରୁ ସେମାନେ ଯାହା କଲେ ମଧ୍ୟ କେହି କିଛି କୁହନ୍ତି ନାହିଁ । ପୁନଶ୍ଚ ଧର୍ମଭୟ ମଧ୍ୟ ସାଧାରଣ ଲୋକଙ୍କୁ କିଛି ପ୍ରତିବାଦ କରିବାରୁ ନିବୃତ୍ତ କରେ । ଏହା ଏକ ଧର୍ମ ଭିତ୍ତିକ କାର୍ଯ୍ୟ ହୋଇଥିବାରୁ ପୋଲିସ କିମ୍ବା ପ୍ରଶାସନ କୌଣସି ପଦକ୍ଷେପ ନେଇ ପାରନ୍ତି ନାହିଁ । ଏହା ଏଭଳି ଭାବେ ବଢିଚାଲିଛି ଯେ, ଆଉ କିଛିବର୍ଷ ପରେ ଏହାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିବ । ଏହା ଓଡିଶାରେ ଯେଭଳି ଭାବରେ ଚାଲିଛି ମୂଳ ସୃଷ୍ଟି ସ୍ଥାନ ରାଜସ୍ଥାନରେ ମଧ୍ୟ ଏପରି ହେଉନଥିବ । ମନ୍ଦିର ପାଖରେ ଜଳଲାଗି କଲାବେଳେ ମଧ୍ୟ କମ୍ ସମସ୍ୟା ସୃଷ୍ଟି ହୁଏନାହିଁ । ଯେତେ ବ୍ୟାରିକେଡ୍ କରି ଛାଡିଲେ ମଧ୍ୟ ସମସ୍ୟା ହିଁ ସୃଷ୍ଟି ହୁଏ । ଏହା କଦାପି ଆମର ସଂସ୍କୃତି ନୁହେଁ । ଅନ୍ୟ ସଂସ୍କୃତିକୁ ଆମ ସଂସ୍କୃତିରେ ମିଶାଇ ଏକ ଅପସଂସ୍କୃତିର ସୃଷ୍ଟି କରିବା ଛଡା କିଛିନୁହେଁ । ଶିବଙ୍କୁ ଜଳଭିଷେକ କରିବା ବହୁତବଡ ପୂଣ୍ୟର କଥା କିନ୍ତୁ ଏଭଳି ଭାବରେ ନୁହେଁ । ଏହି ଧାରା ଅବ୍ୟାହତ ରହିଲେ ଦିନେ ଏହା ଭାଣ୍ଡାମିରେ ପରିଣତ ହେବ - ଏଥିରେ ସଂଦେହ ନାହିଁ ।

॥ ଓଁ ମନଃ ଶିବାୟ ॥

ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦
email: dr.abhimanyubaral@gmail.com

# ପୋଲାଭରମ ପ୍ରକଳ୍ପ ବିବାଦ: ମୋଟୁ ଅଂଚଳ ଗସ୍ତ କଲେ କଂଗ୍ରେସ୍‌ର ଟିମ୍



## କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷିଲେ କଂଗ୍ରେସ ସାଂସଦ, ବିଧାୟକ

ମାଲକାନଗିରି, : ବାଦବିବାଦ ଭିତରେ ଛନ୍ଦି ହୋଇ ରହିଥିବା ଆନ୍ଧ୍ରପ୍ରଦେଶର ପୋଲାଭରମ ପ୍ରକଳ୍ପକୁ ନେଇ ରାଜନୀତି ସରଗରମ ହୋଇ ରହିଛି। ପୋଲାଭରମ ପ୍ରକଳ୍ପକୁ ବିରୋଧ କରି ବିଜେଡି ପ୍ରଥମରୁ ହିଁ ସ୍ୱରତ୍ତୋଳନ କରିଆସୁଥିବା ବେଳେ ଏବେ କଂଗ୍ରେସ ଏହି ଆନ୍ଦୋଳନରେ ସାମିଲ ହୋଇଛି। ଆଜି କଂଗ୍ରେସର ବିଧାୟକ ଦଳର ନେତା ପଟାଙ୍ଗି ବିଧାୟକ ରାମ କାଡାମଙ୍କ ନେତୃତ୍ୱରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା, ରାୟଗଡ଼ା ବିଧାୟକ ଆପାଲାସ୍ୱାମୀ କାଡ୍ରାକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାନ୍ତା, ପୂର୍ବତନ ବିଧାୟକ ଭୁଜବଳ ମାଝି ପ୍ରମୁଖ ପୋଲାଭରମ ପ୍ରକଳ୍ପକୁ ବିରୋଧ କରି ସୀମାନ୍ତ ମୋଟୁ ଠାରେ ଏକତ୍ରିତ ହୋଇଥିଲେ। ସେଠାରେ ମୋଟୁ ତହସିଲ ଅଧିନରେ କେତେ ଗ୍ରାମ ଏହି ପ୍ରକଳ୍ପ ଯୋଗୁଁ ପାଣିରେ ବୁଡିବ ତାହା ପଚାରି ବୁଝିଥିଲେ। ଏଥିସହ କେତେ ଜଂଗଲ ଜମି, ଚାଷ ଜମି ନଷ୍ଟ ହେବ ତାହା ମଧ୍ୟ ପଚାରି ବୁଝିଥିଲେ। ପରେ ଏହି ଟିମ ବିନାୟକପୁର ଏବଂ ଆଲମା ଭଳି ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମୋଟୁ ତହସିଲ ସଂପୂର୍ଣ୍ଣ ପାଣିରେ ମିଶିବାକୁ ଯାଉଥିବା ବେଳେ କେତେ ଜମି ନଷ୍ଟ ହେବ ତାହାର ଆଜି ପର୍ଯ୍ୟନ୍ତ ଆକଳନ କରାଯାଇପାରିଲା ନାହିଁ। ଏକର ପିଛା ୩୦ ଲକ୍ଷ ଟଂକା କଂଗ୍ରେସ ଦାବି କରିଥିଲା। ଆଉ ବିସ୍ଥାପିତ ଲୋକଙ୍କୁ ତୁରନ୍ତ ଥଇଥାନ କରିବାରୁ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲା। ପୋଲାଭରମ ପ୍ରକଳ୍ପର ଉଚ୍ଚତା କମାଇବା ପାଇଁ ମଧ୍ୟ ଏହି କଂଗ୍ରେସ ଟିମ ଜୋର ଦେଇ ଦାବି କରିଛି। ମାଲକାନଗିରି ଜିଲ୍ଲାର କେତେ ଗାଁ ଏଥିରେ ପ୍ରଭାବିତ ହେବେ ସନେଇ ଏକ ରିପୋର୍ଟ କଂଗ୍ରେସ ପ୍ରସ୍ତୁତ କରିବ ବୋଲି କୁହାଯାଇଛି। ତେବେ ପୋଲାଭରମକୁ ନେଇ ଲୋକସଭା ଓ ବିଧାନସଭାରେ ସାଂସଦ ଓ ବିଧାୟକମାନେ ଗର୍ଜିବେ ବୋଲି ଧମକ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ କଂଗ୍ରେସର ବିଧାୟକ ଓ ସାଂସଦ ବର୍ଷିଥିଲେ। ଜାଣିଶୁଣି ଏହି ପ୍ରକଳ୍ପକୁ ଟଂକା ଅଜାଡ଼ି ଦେବା ସହ ଏହା ଉଚ୍ଚତା ବଢାଇ ଓଡିଶାକୁ ଧ୍ୱଂସ ପଥରେ ନେବାକୁ ପ୍ରୟାସ କରାଯାଉଛି। କଂଗ୍ରେସ କେବେ କରିବାକୁ ଦେବ ନାହିଁ। ତୁରନ୍ତ ବିସ୍ଥାପିତ ହେଉଥିବା ଲୋକଙ୍କୁ ଥଇଥାନର ବ୍ୟବସ୍ଥା କରିବା ସହ ଚାଷ ଜମିର କ୍ଷୟକ୍ଷତି ମଧ୍ୟ ତୁରନ୍ତ ପୂରଣ କରିବାକୁ ଦାବି ହୋଇଥିଲା। ଆଜିର ଏହି ଟିମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ମାଲା ମାଢି, ଇର୍ମା ପଡିଆମି, ପର୍ଶୁରାମ ଭକ୍ତ, ଲିପିକା ମାଝି, ଅନାମ ଦିଆନ, ସଂରାଜ ଗୌଡ, ଦିଲିପ ପ୍ରଧାନ, ଇସାକ ଖୋସଲା, ଅର୍ଜୁନ ପଡ଼ିଆମି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ଭକ୍ତଙ୍କୁ ମିଳିବ ମାଗଣା ମହାପ୍ରସାଦ: ଆଇନ ମନ୍ତ୍ରୀ





ପୁରୀ: ଶ୍ରୀମନ୍ଦିରରେ ମିଳିବ ମାଗଣା ମହାପ୍ରସାଦ। ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କୁ ମିଳିବ ଅବଢ଼ା। ପ୍ରତ୍ୟେକ ଦିନ ଲକ୍ଷେରୁ ଅଢେଇ ଲକ୍ଷ ଭକ୍ତ ପାଇବେ ପ୍ରସାଦ। ଏନେଇ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମାଗଣା ପ୍ରସାଦ ବଣ୍ଟନ ପାଇଁ ବିଭିନ୍ନ ଦାତାଙ୍କ ସହ ଆଲୋଚନା ହୋଇଛି। ଶ୍ରୀମନ୍ଦିର ଆସୁଥିବା ପ୍ରତ୍ୟେକ ଭକ୍ତ ଅବଢ଼ା ଟିକିଏ ପାଇପାରିବେ ସେନେଇ ବ୍ୟବସ୍ଥା କରାଯାଉଛି ବୋଲି ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କହିଛନ୍ତି। ଏହି ପ୍ରକ୍ରିୟା ଆରମ୍ଭ ହେବା ପରେ ଯେଭଳି ଅଧାରୁ ବନ୍ଦ ନହୁଏ ସେ ଦିଗରେ ଆନୁସଙ୍ଗିକ ବ୍ୟବସ୍ଥା ମାନ ପ୍ରସ୍ତୁତ ହେଉଛି। ପ୍ରତ୍ୟେକ ଦିନ ପ୍ରାୟ ଏକରୁ ଦେଢ଼ ଲକ୍ଷ ଭକ୍ତ ଶ୍ରୀମନ୍ଦିର ଆସୁଥିବା ବେଳେ ପର୍ବପର୍ବାଣୀ ଦିନରେ ଦୁଇ ଅଢେଇ ଲକ୍ଷ ଭକ୍ତ ଆସିଥାନ୍ତି। ସେମାନଙ୍କୁ କିଭଳି ଭାବରେ ମାଗଣା ମହାପ୍ରସାଦ ଯୋଗାଇ ଦିଆଯାଇପାରିବ ସେନେଇ ରୂପରେଖ ଦେବାକୁ ପ୍ରଚେଷ୍ଟା ଚାଲିଥିବା ବେଳେ ବିଭିନ୍ନ ଦାତାଙ୍କ ସହ ଆଲୋଚନା ମଧ୍ୟ ଚାଲିଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି । ସୁରେଶ ମହାପାତ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ବେଳେ ଏହି ବ୍ୟବସ୍ଥା ଲାଗୁ କରିଥିଲେ। ଏଥି ପ୍ରତି ଜନ ସମର୍ଥନ ବଢିବାରୁ ଶ୍ରୀମନ୍ଦିର ପ୍ରଶାସନ ମାଗଣା ମହାପ୍ରସାଦ ସେବାକୁ ବୃହତ ଆକାରରେ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏଥି ନିମନ୍ତେ ଶେଷଥର ୨୦୧୮-୧୯ ଆର୍ଥିକ ବଜେଟରେ ଦେଢ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା। ମାତ୍ର କୋଭିଡ୍ ପରଠୁ ଆଉ ଭକ୍ତଙ୍କୁ ମାଗଣା ମହାପ୍ରସାଦ ଦିଆଯାଉନି।

# ରାସନକାର୍ଡ ହିତାଧିକାରୀ ପାଇବେ ଚାଉଳ ସହ ଗହମ



ଭୁବନେଶ୍ୱର, : ପୁଣି ରାସନକାର୍ଡରେ ମିଳିବ ଗହମ। ରାସନକାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ମିଳିବ ଗହମ। ଏନେଇ ସୂଚନା ଦେଇଛନ୍ତି ଓଡ଼ିଶାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ହିତାଧିକାରୀଙ୍କୁ ମିଳୁଥିବା ଚାଉଳର ୨୦ ପ୍ରତିଶତ ଗହମ ଦେବାକୁ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିବା କହିଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତି, ଓଡ଼ିଶା ଲୋକଙ୍କ ଗହମ ପାଇଁ ଚାହିଦାକୁ ଦୃଷ୍ଟିରେ ରଖି ଦାବି ରଖିଛି। ତେବେ ପୂର୍ବରୁ ରାସନ କାର୍ଡ ହିତାଧିକାରୀଙ୍କୁ ମିଳୁଥିବା ଗହମକୁ ବନ୍ଦ କରି ଅଧିକ ଚାଉଳ ଦେବାକୁ କେନ୍ଦ୍ରକୁ ଦାବି କରି ଗହମ ଯୋଗାଣକୁ ବନ୍ଦ କରିଦିଆଯାଇଥିଲା। ସେ ଆହୁରି କହିଛନ୍ତି, ବିଜେଡି ସରକାର ଗହମକୁ ବନ୍ଦ କରି ରାସନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦେଉଥିଲେ। ବର୍ତ୍ତମାନ ଖାଦ୍ୟ ଯୋଗାଣ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ରାସନ କାର୍ଡ ହିତାଧିକାରୀଙ୍କୁ ପୁଣି ଥରେ ପୂର୍ବ ଭଳି ଚାଉଳ ସହ ଗହମ ମିଳିବାକୁ ଯାଉଛି।

# ରାଜ୍ୟରେ ୫୮ ଟି ଶୀତଳଭଣ୍ଡାର ନିର୍ମାଣ କରାଯିବ



ବାଲିଗୁଡା, : କନ୍ଧମାଳ ଜିଲ୍ଲା ଗ୍ରସ୍ତରେ ଓଡିଶା ସରକାରଙ୍କ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପହଞ୍ଚି ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କ ରେ ଆଲୋଚନା କରିଥିଲେ ।ଏହି ଅବସରରେ ସେ ସମ୍ବାଦିକଙ୍କୁ କହିଥିଲେ ଯେ, ରାଜ୍ୟରେ ଆଳୁ ସମସ୍ୟା ଆଉ ନାହିଁ ଧୀରେ ଧୀରେ ସମସ୍ୟା ର ସମାଧାନ କରାଯାଉଛି । ଆଗାମୀ ଦିନରେ ଆଳୁ ଓ ପିଆଜ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ନାହିଁ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଳୁ ଓ ପିଆଜ ଚାଷ ପାଇଁ ରୋଡ ମ୍ୟାପ ପ୍ରସ୍ତୁତ କରାଯାଉଛି । ରାଜ୍ୟରେ ନୂତନ ୫୮ ଟି ଶୀତଳ ଭଣ୍ଡାର ନିର୍ମାଣ କରାଯିବ । କନ୍ଧମାଳ ଜିଲ୍ଲାରେ ମଧ୍ୟ ଭଲ ଆଳୁ ଓ ପିଆଜ ଉତ୍ପାଦନ ହୋଇ ପାରିବ ଏଥି ନିମନ୍ତେ କୃଷି ଓ ଉଦ୍ୟାନ ବିଭାଗ ଉଦ୍ୟମ କରିବ ଓ ଚାଷ ଜମି କୁ ଜଳସେଚନ ସୁବିଧା କରାଯିବ । ବିଗତ ବିଜେଡି ସରକାର ଚାଷ ଓ ଚାଷୀ ମାନଙ୍କ ପାଇଁ କିଛି କରି ନାହାନ୍ତି ଆମ ସରକାର ଆସିବା ଦିନଠାରୁ ଚାଷୀ ମାନଙ୍କ ଆର୍ଥିକ ଉନ୍ନତି ପାଇଁ ଧାନର ସର୍ବ ନିମ୍ନ ମୂଲ୍ୟ ୩୧ ଶହ ଟଙ୍କା କରିଛନ୍ତି । ମନ୍ତ୍ରୀ ଙ୍କ ସହ ପୂର୍ବତନ ବିଧାୟକ କରେନ୍ଦ୍ର ମାଝି ଙ୍କ ସମେତ ଜିଲ୍ଲାର ଜିଲ୍ଲା ଯୋଗାଣ ଅଧିକାରୀ ଙ୍କ ସମେତ ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଓଡ଼ିଶା ଫେରି ନବୀନଙ୍କୁ ଭେଟିଲେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଅମିତ୍ ରୋହିଦାସ୍



ଭୁବନେଶ୍ୱର : ଭାରତୀୟ ହକି ଦଳ ଲଗାତାର ଦ୍ୱିତୀୟ ଥର ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଦଳର ସଦସ୍ୟ ଥିବା ଓଡ଼ିଶାର ଅମିତ ରୋହିଦାସ ଶୁକ୍ରବାର ଓଡ଼ିଶା ଫେରିଛନ୍ତି। ଅମିତଙ୍କୁ ବିମାନ ବନ୍ଦରରେ ବିପୁଳ ସ୍ୱାଗତ କରାଯାଇଥିବା ବେଳେ ମାଧାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବା ପରେ ସନ୍ଧ୍ୟାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି।

# ରାଜ୍ୟରେ ମଦ ଓ ମାଦକ ଦ୍ରବ୍ୟ ସଂପୁର୍ଣ୍ଣ ନିଷିଦ୍ଧ ଦାବି

ଜୟପୁର : ଅଖିଳ ଭାରତ ମହିଳା ସାଂସ୍କୃତିକ ସଂଗଠନ ତରଫରୁ ଆଜି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ଙ୍କ ଜରିଆରେ ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି କୋମଳମତି ଶିଶୁ କନ୍ୟା ଠାରୁ ୮୦ ବର୍ଷର ବୃଦ୍ଧା ଦୁଷ୍କର୍ମର ଶୀକାର ହେବା ସହ ନାନାଦି ଅପରାଧ ଉଦ ବେଗ ଜନକ ଭାବେ ବଢିଚାଲିଛି । ଏହା ପଛର ଅନ୍ୟତମ ଗୁରୁତ୍ୱ ପୁର୍ଣ୍ଣ କାରଣ ହେଲା ମଦ । ଏଥି ପାଇଁ ଅନେକ ପରିବାର ମଧ୍ୟ ଆଜି ଧ୍ୱଂସମୁକୀ । ଏଣୁ ମଦ ଓ ମାଦକ ଦ୍ରବ୍ୟରକୁ ସମ୍ପୁର୍ଣ୍ଣ ନିଷିଦ୍ଧ କରି ଓଡିଶାକୁ ନିଶାମୁକ୍ତ ରାଜ୍ୟ କରିବା ପାଇଁ ଦାବି କରାଯାଇଛି । ଏହା ସହ ପ୍ରତ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଅସ୍ୱାଭାବିକ ଆକାଶଛୁଆଁ ଦର ବୃଦ୍ଧି ସାଧାରଣ ମଣିଷର ଜୀବନ ଜୀବିକାକୁ ବିପର୍ଯ୍ୟୟ କରି ଦେଇଛି । ଏଣୁ ସମସ୍ତ ଅତ୍ୟାବଶ୍ୟକୀୟ ଜିନିଷ ପତ୍ରର ଦରବୃଦ୍ଧିକୁ ନିୟନ୍ତ୍ରଣ ସହ ବର୍ଦ୍ଧିତ ଦର ପ୍ରତ୍ୟାହାର ପାଇଁ ଦାବି କରାଯାଇଛି । ମେଡିକାଲ କଲେଜରେ ଡାକ୍ତରି ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କୁ କଠୋଦ ଦଣ୍ଡ ସହ ଏସସିବି ମେଡିକାଲ କଲେଜରେ ରୋଗିକୁ ଡାକ୍ତର ଙ୍କ ବଳତ୍କାର ଅଭିଯୋଗର ତଦନ୍ତ କରି ଦୋଷି କୁ ଦଣ୍ଡ ଦେବାକୁ ସଂଗଠନର ସଭାପତି ଇନ୍ଦୁ ମତି ଦାସ, ସମ୍ପାଦକ ଲକ୍ଷ୍ମୀ ବାରିକ, ସଂଗଠନ ସମ୍ପାଦକ ପ୍ରମିଳା ପୁଜାରୀ, ସଂଯୁକ୍ତା ପାଣିଗ୍ରାହୀ, ରଞ୍ଜିତା ପାଣିଗ୍ରାହୀ ପ୍ରମୁଖ ଦାବି କରିଛନ୍ତି ।

# ସୂଚନା ଅଧିକାର କର୍ମୀଙ୍କୁ ବ୍ଲକ୍ ପରିସରରେ ମରଣାନ୍ତକ ଆକ୍ରମଣ

ଗୋପ (ରଶ୍ମିରଂଜନ ମହାରଥୀ): ପଂଚାୟତରେ ହୋଇଥିବା ବିଭିନ୍ନ ଆର୍ଥିକ ଦୁର୍ନୀତି ସଂପର୍କରେ ସୂଚନା ନେବାକୁ ଆସିଥିବା ସୂଚନା ଅଧିକାର କର୍ମୀଙ୍କୁ ବ୍ଲକ୍ ପରିସରରେ ସରପଂଚଙ୍କ ସ୍ୱାମୀ ଏବଂ ଦେଢ଼ଶୁର ମାଡ ମାରି ଲହୁ ଲୁହାଣ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଗୋପ ବ୍ଲକ୍ ବଡ଼ଗାଁ ପଂଚାୟତରେ ବ୍ୟାପକ ଆର୍ଥିକ ଦୁର୍ନୀତିର ପର୍ଦାଫାସ୍ କରିବାକୁ ଭୂଆଁ ଗ୍ରାମର ପୂର୍ବତନ ୱାର୍ଡମେମ୍ବର ତଥା ବର୍ତମାନ ବଡଗାଁ ପଂଚାୟତ ବିଜେପି ସଭାପତି ସୁଦାମ ଚରଣ ସାହୁ ଗତ କିଛିଦିନ ତଳେ ସୂଚନା ଅଧିକାର ବଳରେ କିଛି ତଥ୍ୟ ମାଗିଥିଲେ । ସେଥିପାଇଁ ବଡଗାଁ ପଂଚାୟତର ସରପଂଚ ଶୁଭଦ୍ରା ପ୍ରଧାନଙ୍କ ସ୍ୱାମୀ ହର୍ଷବର୍ଦ୍ଧନ ପାଇକରାୟ ଏବଂ ଦେଢ଼ଶୁର ମେରୁନୁ ପାଇକରାୟ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଗତକାଲି ବଡଗାଁ ପଂଚାୟତ



ସମ୍ପର୍କିତ ଏକ ଆର ଟି ଆଇ ତଥ୍ୟ ପାଇଁ ସୁଦାମ ସାହୁ ଏବଂ ଶ୍ରୀଧର ସାମନ୍ତରାୟଙ୍କୁ

ଗୋପ ବ୍ଲକ୍ ବିଡିଓ ଛବିରାଣୀ ସାହୁ ବ୍ଲକ୍ କୁ ଡକାଇଥିବା ବେଳେ ହର୍ଷବର୍ଦ୍ଧନ ଏବଂ ମେରୁନୁ ସେଠାରେ ପହଁଚି ବ୍ଲକ ପରିସର ମଧ୍ୟରେ ସୁଦାମ ସାହୁଙ୍କୁ ମାଡ ମାରି ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଲହୁ ଲୁହାଣ କରିଛନ୍ତି । ପାଟିତୁଣ୍ଡ ଶୁଣି ସେଠାରେ ଅନ୍ୟ ଲୋକମାନେ ପହଁଚି ଯିବାରୁ ଆକ୍ରମଣକାରୀ ଦୁଇଜଣ ସେଠାରୁ ଖସି ପଳାଇଥିଲେ । ଘଟଣା ପରେ ସୁଦାମ ଗୋପ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇ ଗତକାଲି ସନ୍ଧ୍ୟାରେ ଗୋପ ଥାନାରେ ଏତଲା ଦେଇଥିଲେ ମଧ ଆଜି ଖବର ଲେଖା ହେବା ପର୍ଯ୍ୟନ୍ତ ଥାନା ତରଫରୁ କୌଣସି ପଦକ୍ଷେପ ନିଆଯାଇ ଥିବାର ଜଣାପଡି ନାହିଁ । ଟେଲିଫୋନ ଯୋଗେ ଥାନା ସହ ଯୋଗାଯୋଗ କରାଯିବାକୁ ଉଦ୍ୟମ ହୋଇଥିଲେ ମଧ ସମ୍ଭବ ହୋଇନାହିଁ ।

ଖବର ନେବାରେ ଜଣା ଯାଇଛି ଯେ, ସୁଦାମ ସାହୁ ସୂଚନା ଅଧିକାର ବଳରେ ବଡଗାଁ ପଂଚାୟତ ରେ ହୋଇଥିବା ଆର୍ଥିକ ଅନିୟମିତତା ସଂପର୍କିତ କିଛି ତଥ୍ୟ ଜାଣିବାକୁ ଚାହିଁଥିଲେ । କୌଣସି ଚାପର ବଶବର୍ତି ହୋଇ ଗୋପ ବ୍ଲକ ସୂଚନା ଅଧିକାରୀ ଏବଂ ବଡଗାଁ ପଂଚାୟତ ସୂଚନା ଅଧିକାରୀ ଜାଣିଶୁଣି ଏହି ତଥ୍ୟ ତାଙ୍କୁ ପ୍ରଦାନ କରି ନଥିଲେ । ତେଣୁ ମାନ୍ୟବର ଓଡିଶା ସୂଚନା କମିଶନ ଏହି ମାମଲାର ବିଚାର କରି ସୂଚନା ଅଧିକାରୀ ଦୁଇ ଜଣଙ୍କୁ କୋଡିଏ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଥିଲେ । ସେଥିପାଇଁ ବଡଗାଁ ପଂଚାୟତ ସରପଂଚ ଶୁଭଦ୍ରା ପ୍ରଧାନଙ୍କ ସ୍ୱାମୀ ହର୍ଷବର୍ଦ୍ଧନ ପାଇକରାୟ ଏବଂ ଦେଢ଼ଶୁର ମେରୁନୁ ପାଇକରାୟ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇ ଆସୁଥିଲେ । ସୁଦାମ ସାହୁ ବର୍ତମାନ ବଡଗାଁ ପଂଚାୟତ ବିଜେପି କମିଟି ସଭାପତି ଅଛନ୍ତି ।

# ଶିକ୍ଷକ ପଦବୀ ପୂରଣ ନିମନ୍ତେ ଧାରଣ

ବାଲିଗୁଡା, : କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ଗୁମାପଦର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଧାରଣା । ପ୍ରଥମରୁ ଅଷ୍ଟମ ଶ୍ରେଣୀ ବିଶିଷ୍ଟ ଏହି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ରେ ୧୦୮ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ଦୁଇ ଜଣ ଶିକ୍ଷକ ରେ ଚାଲିଛି ପାଠପଢ଼ା । ମାତ୍ର ଦୁଇ ଜଣ ଶିକ୍ଷକ ଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବାରୁ ବିଦ୍ୟାଳୟ ପରିଚାଳନା କମିଟି ପୁଣି ଅଭିଭାବକ ଅନେକ ଥର ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ କଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ଶିକ୍ଷକ ପଦବୀ ପୁରଣ ହୋଇପାରିନାହିଁ । ବିଦ୍ୟାଳୟ ପରିଚାଳନା କମିଟି, ସମସ୍ତ ଗ୍ରାମବାସୀ ଏବଂ ସମସ୍ତ ଛାତ୍ର ଛାତ୍ରୀ ସମୂହ ରାଜରାସ୍ତାରେ ଉଲ୍‌ହାଇ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି ।ଘଟଣା ସ୍ଥଳରେ କ. ନୂଆଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆସି ଧାରଣା ରେ ବସିଥିବା ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ର ଛାତ୍ରୀ ମାନଙ୍କୁ ବୁଝା ସୁଝା କରିଥିଲେ ମଧ କୌଣସି ଲାଭ ହୋଇନଥିଲା । ଅଭିଭାବକ ,ଛାତ୍ର ଛାତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ନିଜର ଜିଦରେ ଅଟଳ । ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ନ ଦିଆଯିବା ଯାଏଁ ଏହି ଧାରଣା ଏମିତି ହିଁ ରହିବ ବୋଲି କହିଥିଲେ ।



# ରାସ୍ତା ପାଲଟିଛି ମରଣଯନ୍ତା



ସତ୍ୟବାଦୀ: : ରାସ୍ତା ପାଲଟିଛି ମରଣଯନ୍ତା ।ଡେଲାଙ୍ଗ ବ୍ଲକ ଠାରୁ ମାତ୍ର ୫୦ ରୁ ୧୦୦ ମିଟର ଦୂରତାରେ ପଟ୍ଟନାୟକିଆ-ଖୋର୍ଦ୍ଧା । ରାସ୍ତାର ବେଗୁନିଆପଡା ଗାଁ ମୁଣ୍ଡ ଓ ଜଗଦଳପୁର ଗାଁ ମୁଣ୍ଡର ମା' ପାଦୁକାଇ ଠାକୁରାଣୀ ଙ୍କ ସାମ୍ନା , ମରଣଯନ୍ତା ପାଲଟିଛି ଏବଂ ବାଟୋଇ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ତୁରନ୍ତ ଏହି ସ୍ଥାନ ମରାମତି କରିବାପାଇଁ ଅନୁରୋଧ ।

# ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ନରଣପଡା ଗୋପବନ୍ଧୁ ଗ୍ରାମୀଣ ପ୍ରମୋଦ ଉଦ୍ୟାନ

କେନ୍ଦ୍ରାପଡ଼ା : ଦୀର୍ଘ ୨ବର୍ଷଧରି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ଚାନ୍ଦୋଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନରଣପଡ଼ା ଗୋପବନ୍ଧୁ ଗ୍ରାମୀଣ ପ୍ରମୋଦ ଉଦ୍ୟାନ । ଏହାର ରକ୍ଷଣା ବେକ୍ଷଣ ଅଭାବରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ବିନିମୟରେ ନିର୍ମାଣ କରାଯାଇଥିବା ଏହି ଉଦ୍ୟାନଟି ସଂପୂର୍ଣ୍ଣ ରୂପେ ଜଙ୍ଗଲ ଏବଂ ଭୂତ କୋଠୀରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି । ତା - ୦୯/୦୩/୨୦୨୨ ମସିହାରେ ରାଜ୍ୟ ସରକାରଙ୍କ ଅନୁଦାନ କ୍ରମେ ତତ୍କାଳୀନ ବିଡ଼ିଓଙ୍କ ତତ୍ୱାବଧାନରେ ସରପଞ୍ଚ ଅନୁପମା ଷଡଙ୍ଗୀଙ୍କ ଜରିଆରେ ଏହି ସୁନ୍ଦର ପାର୍କ ବା ଉଦ୍ୟାନଟି ତିଆରି ହୋଇଥିଲେ ମଧ ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସହ ସମଗ୍ର ଉଦ୍ୟାନଟି ସାପ , ବେଙ୍ଗ ଓ ଜଙ୍ଗଲି ଜୀବଜନ୍ତୁଙ୍କର ଆଶ୍ରୟ ସ୍ଥଳୀ ପଲଟିଛି । ସେହି ଉଦ୍ୟକ୍ଷନ ଟି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଏବେ ବି ସୁଦ୍ଧା ପଡି ରହିଛି ।

# ଭୂତଳ ଜଳସ୍ତର କମୁଥିବା ଅଞ୍ଚଳରେ କାରଖାନା ବସାଇ ପାଣିବେପାର

ପାଟଣାଗଡ : ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଉଥିବା ବଲାଙ୍ଗୀର ଜିଲ୍ଲାର ପାଟଣାଗଡରେ କିଛିବର୍ଷ ହେଲା ଜଣେ ବ୍ୟକ୍ତି ଏକ ବିଶୁଦ୍ଧ ପାନୀୟ ଜଳ କାରଖାନା ଖୋଲି ପାଣି ବିକ୍ରି ବେପାର ଚଳାଇଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ପ୍ରକାଶ ଯେ , ପାଟଣାଗଡର ସୁରେଶ ମେହେର ନାମକ ଜଣେ ବ୍ୟବସାୟୀ କିଛିବର୍ଷ ତଳେ ପାଟଣାଗଡ - ରାମପୁର ମଧ୍ୟରେ ପାଟଣାଗଡ-ବଲାଙ୍ଗୀର ମୁଖ୍ୟରାସ୍ତା କଡର ସୁବର୍ଣ୍ଣରେଖା ନଦୀର ପୋଲ ସଂଲଗ୍ନ ସ୍ଥାନରେ ପ୍ରଥମେ ପିଇବା ପାଣି ପାଉଚ୍ ଓ ସ୍କିଲ୍ ନାମକ କୋଲ୍ଡ ଡ୍ରିଙ୍କ୍ସ କାରଖାନା ଖୋଲିଥିଲେ । ସେହିସ୍ଥାନରେ ସହରାଞ୍ଚଳର ଅଧିବାସୀଙ୍କୁ ପାନୀୟଜଳ ଯୋଗାଣ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗର ଇନ୍ ଟେକ୍ କୂପ ବସାଯାଇଛି । ଏହାର ମାତ୍ର ପ୍ରାୟ ୫୦ ମିଟର ଦୂରରେ ଏପରି ଘରୋଇ ପାଣି ଓ କୋଲ୍ଡଡ୍ରିଙ୍କ୍ସ କାରଖାନା ଖୋଲି ଶୁଷ୍କ ଅନ୍ତଃସଲୀଳା ସୁବର୍ଣ୍ଣରେଖା ନଦୀରୁ ଜଳ ଶୋଷିବାକୁ ସ୍ଥାନୀୟ ଲୋକେ ପ୍ରବଳ ବିରୋଧ କରିଥିଲେ । ପାଟଣାଗଡର ସିଭିଲ୍ ସୋସାଇଟି ବା ଜନମଞ୍ଚ ତରଫରୁ ଏହା ବିରୋଧରେ ଆନ୍ଦୋଳନ ହେବାରୁ ଉକ୍ତ ବ୍ୟବସାୟୀ ଜଣକ ତାଙ୍କର ଉକ୍ତ କାରଖାନାକୁ ସେଠାରୁ ଉଠାଇ ନେଇ ରାମପୁର




ନିକଟସ୍ଥ କୁକୁରକାନୀ ମୌଜାରେ ଏବେ ଉପରୋକ୍ତ ସ୍କିଲ୍ ଥଣ୍ଡାପାନୀୟ ଓ ପାଣି ପାଉଚ୍ ଉତ୍ପାଦନ ବନ୍ଦ କରି 'ବିଶଲାରୀ 'ର ଫ୍ରାଞ୍ଚାଇଜ୍ ନେଇ ପାଣିବୋତଲ କାରଖାନା ଖୋଲି ଉତ୍ପାଦନ ଜାରୀ ରଖି ସମଗ୍ର ପଶ୍ଚିମ ଓଡିଶାକୁ ବିକ୍ରିକରୁଛନ୍ତି ।ଗତକାଲି ଏ ସମ୍ପର୍କରେ ଏକ ବରିଷ୍ଠ ସାମ୍ବାଦିକଦଳ ଉକ୍ତ କାରଖାନାରେ ପହଞ୍ଚି ଉକ୍ତ ଏସ୍ ଏସ୍ ଇଣ୍ଡଷ୍ଟ୍ରିଜ୍ ର ପରିଚାଳକଙ୍କୁ ଭେଟି ଅନୁସନ୍ଧାନ କରିଥିଲେ । ସହରରେ ଏହାର ମାଲିକ ସରୋଜ ମେହେର ଏକ ଘରୋଇ ସ୍କୁଲ ଖୋଲି ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗର ' ଅନ୍ୱେଷା ' ହଷ୍ଟେଲ ସହ ସହବନ୍ଧନରେ ଚଳାଉଥିବାରୁ ତାଙ୍କ ସହ କଥାବାର୍ତ୍ତା ହେବାକୁ ଡକାଇ ଥିଲେ ହେଁ , ସେ ଏଡାଇ ଯାଇଥିଲେ । ତେବେ ବଲାଙ୍ଗୀର ପରି ଏକ ଶିଳ୍ପବିହୀନ ଜିଲ୍ଲାରେ ତାଙ୍କର ଶିଳ୍ପସ୍ଥାପନର ଏଭଳି ଉଦ୍ୟମକୁ ସ୍ୱାଗତ କରାଯାଇ ଥିଲେ ହେଁ , ଆଉ କିଛିବର୍ଷ ପରେ ବଲାଙ୍ଗୀର ଜିଲ୍ଲା ମରୁଭୂମିରେ ପରିଣତ ହେବାକୁ ଯାଉଛି ବୋଲି ବୈଜ୍ଞାନିକ ମାନେ ଭବିଷ୍ୟବାଣୀ କରିଥିବା ଓ ଦିନ କୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଉଥିବା ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ଏହି ଭୂତଳରୁ ପାଣି ଶୋଷି ବେପାର କରୁଥିବା ପ୍ରତି ସରକାର ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି ।

# ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଅମିତ୍ ରୋହିଦାସ୍ଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, : ପ୍ୟାରିସ୍ ଅଲମ୍ପିକ୍ସରେ ପଦକ ଜିତିବା ପରେ ଭାରତୀୟ ପୁରୁଷ ହକି ଦଳର ଏକମାତ୍ର ଓଡିଆ ଖେଳାଳୀ ଅମିତ୍ ରୋହିଦାସ୍ ଆଜି ଓଡିଶାରେ ପହଞ୍ଚିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଅମିତ୍ ?ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅମିତ୍ଙ୍କର ଭୂୟସୀ ପ୍ରଶଂସା କରି ତାଙ୍କୁ ଓଡିଶାର ଗର୍ବ ଓ ଗୌରବ ବୋଲି ଅଭିହିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅମିତ୍ ହେଉଛନ୍ତି ଓଡିଆ ଅସ୍ମିତାର ପ୍ରକୃତ ପରିଚୟ। ଆମ ଓଡିଆ ଅସ୍ମିତାକୁ ସେ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ହେଉଛି ଏକ ପବିତ୍ର ଦିନ। ଆଗାମୀ ଅଲମ୍ପିକ୍ସ ପାଇଁ ସଂକଳ୍ପର ଦିନ। ସାଢେ ଚାରି କୋଟି ଓଡିଶାବାସୀଙ୍କ ଶୁଭେଚ୍ଛା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ୨୦୨୮ ଲସ୍ ଏଞ୍ଜେଲେସ୍ ଅଲମ୍ପିକ୍ସରେ ଆମେ ସ୍ୱର୍ଣ୍ଣ ପଦକ ହାସଲ କରିବୁ ବୋଲି ଆଶାବ୍ୟକ୍ତ କରିଥିଲେ। ଭାରତୀୟ ହକି ଦଳକୁ ଓଡିଶାର ସ୍ପନ୍ସରସିପ୍ ୨୦୩୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ସେ କହିଥିଲେ।ଅମିତ୍ଙ୍କ ହକି ଯାତ୍ରାର ସଫଳ କହାଣୀ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହକିର ଗଡ ଭାବେ ପରିଚିତ ସୁନ୍ଦରଗଡର ସଉନାମରା ଗାଁରେ ଅମିତ୍ ଜନ୍ମ ଗ୍ରହଣ କରିଥିଲେ। ଗାଁ ମାଟିରୁ ପାନ୍‌ପୋଷ ହଷ୍ଟେଲ ଓ ପାନ୍‌ପୋଷ ହଷ୍ଟେଲରୁ ଭାରତୀୟ ହକି ଦଳ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଅତ୍ୟନ୍ତ ଗୌରବମୟ। ୨୦୧୭ରୁ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ହକି ପ୍ରତିଯୋଗିତାରେ ଭାରତୀୟ ଦଳର ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଅମିତ୍ ରୋହିଦାସ୍ କହିଥିଲେ ଯେ ଓଡିଶାରେ ପହଞ୍ଚିବା ପାଇଁ ତାଙ୍କ ହୃଦୟ ବ୍ୟାକୁଳ ଥିଲା। ତେଣୁ ଭୁବନେଶ୍ୱର ପହଞ୍ଚି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ବହୁତ ଖୁସି। ୫୨ ବର୍ଷ ପରେ ଆମେ (ଭାରତୀୟ ହକି ଦଳ) ଅଲମ୍ପିକ୍ସରେ ଲଗାତାର ପଦକ ଜିତି ରେକର୍ଡ ଭାଙ୍ଗିଛୁ ବୋଲି ସେ କହିଥିଲେ। ଓଡିଶା ଓ ଦେଶର କୋଟି କୋଟି କ୍ରୀଡାପ୍ରେମୀମାନଙ୍କ ଶୁଭେଚ୍ଛା ପାଇଁ ସେ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସେ ଅଲମ୍ପିକ୍ସର ଜର୍ସି ଓ ମାସ୍କଟ ଉପହାର ଦେଇଥିଲେ। ସେହି ଜର୍ସିରେ ଭାରତୀୟ ଦଳର ସବୁ ଖେଳାଳୀମାନଙ୍କର ଦସ୍ତଖତ ରହିଛି। ଏହି ଜର୍ସି ନିଶ୍ଚିତ ଭାବେ ଓଡିଶାର ସବୁ ହକି ଖେଳାଳୀଙ୍କୁ ପ୍ରେରଣା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ସଂସଦର ପବ୍ଲିକ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ ହେଲେ ବୈଜୟନ୍ତ

ନୂଆଦିଲ୍ଲୀ : ବିଜେପିର କେନ୍ଦ୍ରାପଡ଼ା ଲୋକସଭା ସଦସ୍ୟ ବୈଜୟନ୍ତ ପଣ୍ଡାଙ୍କୁ ମିଳିଛି ଗୁରୁ ଦାୟିତ୍ୱ। ସଂସଦର ପବ୍ଲିକ ଅଣ୍ଡରଟେକିଂ କମିଟିର ଅଧ୍ୟକ୍ଷ ଭାବେ ତାଙ୍କୁ ନିଯୁକ୍ତ କରାଯାଇଛି। ଲୋକସଭା



ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ଏହି ଗୁରୁ ଦାୟିତ୍ୱ ନ୍ୟସ୍ତ କରିନ୍ତି। କମିଟିରେ ଲୋକସଭାରୁ ୧୫ ଓ ରାଜ୍ୟସଭାରୁ ୭ ସଦସ୍ୟ ମନୋନୀତ ହୋଇଛନ୍ତି। ଏହି କମିଟି ଗତ ୧୪ ତାରିଖରୁ ନିଜ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଆସନ୍ତା ବର୍ଷ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ରହିବ। ଏହି କମିଟିରେ ଲୋକସଭାର ସମୁଦାୟ ୧୫ ଜଣଙ୍କୁ ସାମିଲ କରାଯାଇଛି।

## କେନାଲରେ ଘାଇ ହୋଇ ଚାଷକାର୍ଯ୍ୟ ବ୍ୟାହତ, ଘରେ ପଶିଲା ପାଣି



ସତ୍ୟବାଦୀ(ଦୁର୍ଗେଶ ପ୍ରସାଦ ମିଶ୍ର): ସତ୍ୟବାଦୀ ବ୍ଲକ୍ ଦୁଗଲ ପଞ୍ଚାୟତ ଓ ବିଶ୍ୱନାଥ ପୁର ପଞ୍ଚାୟତ ଦେଇ ଯାଇଥିବା ଜଳସମ୍ପଦ କେନାଲରେ ଘାଇ ହୋଇ ଚାଷ ଜମିରେ ପାଣି ମାଡ଼ିଯାଇଛି ଯାହା ଫଳରେ ଶହଶହ ଏକର ଚାଷ ଜମିରେ ଚାଷକାମ ବ୍ୟାହତ ହୋଇଛି। ଏଥିଯୋଗୁଁ ଚାଷୀ ମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଜଳସମ୍ପଦ୍ ବିଭାଗର ମନମୁଖୀ କାର୍ଯ୍ୟକଳାପ ଓ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଯୋଗୁଁ ଏ ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଆମେ ଏ ସଂମ୍ପର୍କରେ ଖବର ନେବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।

## ଅଘୋଷିତ ଓ ମନଇଚ୍ଛା ବିଦ୍ୟୁତ କାଟକୁ ନେଇ ଉତ୍ତେଜନା ଓ ରାସ୍ତାରୋକ

ସତ୍ୟବାଦୀ, (ଦୁର୍ଗେଶ ପ୍ରସାଦ ମିଶ୍ର): ସତ୍ୟବାଦୀ ରେ ଟାଟାପାୱାର ଦ୍ୱାରା ପରିଚାଳିତ ବିଦ୍ୟୁତ୍ ବିଭାଗର ଅଘୋଷିତ ଓ ମନଇଚ୍ଛା ବିଦ୍ୟୁତ କାଟ ବିରୁଦ୍ଧରେ ପ୍ରବଳ ଜନ ଅସନ୍ତୋଷ ଦେଖିବାକୁ ମିଳୁଛି। ଗତ କାଲି ରାତି ପ୍ରାୟ ୧୧ଟା ସମୟରେ ହଠାତ୍ ପାୱାରକଟ୍ ହୋଇଥିଲା ସାରା ସତ୍ୟବାଦୀ ବ୍ଲକରେ ଦୀର୍ଘ ସମୟ ଧରି କରେଣ୍ଟ ନଆସିବାରୁ କିଛି ଲୋକ ଏହାର କାରଣ ଜାଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଭାଗ ଅଧିନରେ ଥିବା ଯନ୍ତ୍ରୀ ବା କର୍ମଚାରୀମାନେ କେହି ଫୋନ ଉଠାଇ ନଥିଲେ,ଏହା ଫଳରେ ସାକ୍ଷୀଗୋପାଳ ବଜାରର ଜୟପୁର, କାଞ୍ଚିଆ, ଅହମଦ ପୁର, କାଦୁଆ ଓ ଅନ୍ୟ ନିକଟସ୍ଥ ଗ୍ରାମ ମାନଙ୍କରୁ ଲୋକ ମାନେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିଥିଲେ ମଧ୍ୟ ସେଠାରେ କେବଳ ଜଣେ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛାଡିଦେଲେ ଆଉ କେହି ଉପସ୍ଥିତ ନଥିଲେ। ଏହା ଲୋକ ମାନଙ୍କ ଦୋଷକୁ ବହୁଗୁଣିତ କରିଥିଲା ଏବଂ ଲୋକମାନେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସତ୍ୟବାଦୀ ଥାନା ଅଧିକାରୀ ଶ୍ରୀ ଉମେଶ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଘଟଣା ସମ୍ପର୍କରେବିଭାଗ ସହ ଯୋଗାଯୋଗ କରିଥିଲେ। ପରେ ରାତି ପ୍ରାୟ ତିନିଟା ସମୟରେ କରେଣ୍ଟ ଆସିଥିଲା। ଶେଷ ଖବର ଲେଖିବା ପୂର୍ବରୁ ଯାହା ଖବର ମିଳିଛି, ଲୋକମାନେ ଏସ୍ଡିଓଙ୍କ ବିରୁଦ୍ଧରେ ଥାନାରେ ଏତାଲା ଦେଇଛନ୍ତି।


## ଜିଲ୍ଲାସ୍ତରୀୟ ଖେଳକୁଦ ପାଇଁ ଖେଳାଳି ମନୋନୀତ

ସତ୍ୟବାଦୀ:(ଦୁର୍ଗେଶ ପ୍ରସାଦ ମିଶ୍ର): ସତ୍ୟବାଦୀ ବ୍ଲକ୍ର ୨୫ଟି ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଫୁଟବଲ ଓ ବ୍ୟାଡମିଣ୍ଟନ ଖେଳ ପାଇଁ ସତ୍ୟବାଦୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଖେଳାଳି ମନୋନୟନ ପ୍ରକ୍ରିୟା ଶେଷ ହୋଇଯାଇଛି। ଫୁଟବଲ ପାଇଁ ଏକ ପନ୍ଦର ଜଣିଆ ଦଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରା ଯାଇଥିଲା ବେଳେ ବ୍ୟାଡମିଣ୍ଟନ ପାଇଁ ୬ ବାଳକ ଓ ୬ ବାଳିକା ମନୋନୀତ ହୋଇଥିବା ବ୍ଲକସ୍ତରୀୟ ଗେମ୍ ଆଣ୍ଡ ଷ୍ପୋର୍ଟସ ର ସମ୍ପାଦକ ସୁଚିତ୍ର ଖଟେଇ ଙ୍କ ଠାରୁ ଜଣା ପଡ଼ିଛି। ଏହି ମନୋନୟନ ଶିବିରକୁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଶ୍ରୀ ମାନସ ରଞ୍ଜନ ପଟ୍ଟନାୟକ ଉଦଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମାନେ ପରିଚାଳନାରେ ସହଯୋଗ କରିଥିଲେ।




## ଝିଙ୍ଗିଆ ଓରାମଙ୍କ ପରଲୋକ

ଭୁବନେଶ୍ୱର : କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଶନିବାର ରାତିରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ସେ ୯ ଦିନ ଧରି ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ସ୍ୱାମୀ ଜୁଏଲ। ସେ କାନ୍ଦି କାନ୍ଦି କହିଛନ୍ତି, ହଠାତ୍ ତାଙ୍କର ରକ୍ତବାନ୍ତି ହେଲା। ସେ ଅଚେତ ହୋଇପଡ଼ିଲେ। ତା' ପରେ ମେଡିକାଲ ନେଇଯାଇଥିଲୁ। ସେଠାରେ ସେ ଚିକିତ୍ସିତ ହେଉଥିଲେ। ଶେଷରେ ମୋତେ ଛାଡ଼ି ଚାଲିଗଲେ। ଏଥିସହିତ ସେ କହିଛନ୍ତି, ମୋର ରାଜନୈତିକ ଜୀବନରେ ସେ ବହୁତ ବଡ଼ ଦାୟିତ୍ୱ ସମ୍ଭାଳୁଥିଲେ। ତାଙ୍କ ଯୋଗୁ ମୁଁ ଏ ଜାଗାକୁ ଆସିପାରିଛି। ତାଙ୍କ ବିୟୋଗରେ ଆମର ବହୁତ ବଡ଼ କ୍ଷତି ହୋଇଛି। ମୁଁ ଜୀବନସାରା ତାଙ୍କୁ ଭୁଲି ପାରିବିନି। ଭଗବାନଙ୍କୁ ଡାକୁଛି ସାତ ଜନ୍ମ ପାଇଁ ସେ ମୋର ସାଥୀ ହୋଇ ରୁହନ୍ତୁ। ଭୁବନେଶ୍ୱରସ୍ଥିତ ଲୁମ୍ବିନୀବିହାର ବାସଭବନରେ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ପହଞ୍ଚି ଶେଷ ଦର୍ଶନ କରିଛନ୍ତି।



# Scientific Temper: A Pillar of Rational Progress




Nihar Ranjan Acharya


Scientific temper is a concept that transcends the boundaries of science and extends into the very fabric of society. It is the application of a logical and rational approach to understanding the world around us, an approach that fosters inquiry, skepticism, and open-mindedness. Coined by India's first Prime Minister, Jawaharlal Nehru, the term underscores the importance of fostering a mindset that is not just scientific in nature but also critical and questioning in everyday life.

The Essence of Scientific Temper At its core, scientific temper is about developing a mindset that values evidence over conjecture, reason over superstition, and inquiry over blind acceptance. It is not limited to scientists or academics but is a universal trait that can and should be cultivated by every individual. This mindset encourages people to ask questions, seek evidence, and make decisions based on logic rather than emotion or tradition.““In a broader sense, scientific temper is about fostering a culture where ideas are tested and debated rather than accepted unquestioningly. It promotes the idea that knowledge is provisional, always open to revision in light of new evidence. This attitude is essential not only in scientific research but also in daily life, where decisions often have far-reaching consequences.

The Role of Scientific Temper in Society

Scientific temper plays a crucial role in the progress of society. It helps to combat the spread of misinformation and superstition, which can have detrimental effects on both individual lives and society as a whole. For instance, in the context of health, a lack of scientific temper can lead to the spread of pseudoscientific beliefs, such as the rejection of vaccines, which poses a serious threat to public health.““Moreover, scientific temper fosters innovation and creativity. By encouraging a questioning attitude, it allows for the exploration of new ideas and the development of new technologies. This has been the driving force behind many of the advancements in science and technology that have transformed our world. From the development of life-saving medicines to the creation of the internet, scientific temper has been at the heart of these innovations.





In governance, the application of scientific temper can lead to more informed and effective policies. When decisions are based on evidence and reason rather than ideology or populism, they are more likely to be effective and sustainable. This is particularly important in areas such as environmental policy, where decisions have long-term impacts on the planet and future generations.““The Intersection of Science and Spirituality““In the Indian context, the concept of scientific temper is often seen as being at odds with spiritual beliefs. However, this is a misconception. Many of the ancient texts, such as the Vedas and the Upanishads, encourage inquiry and the pursuit of knowledge. They advocate for a balance between spiritual wisdom and rational thought, suggesting that the two can coexist and even complement each other.““For instance, the Bhagavad Gita, a revered text in Hindu philosophy, encourages the pursuit of knowledge and understanding. It speaks of the importance of discerning the real from the unreal and urges individuals to seek the truth through introspection and contemplation. This is not far removed from the principles of scientific temper, which also values the pursuit of truth and understanding.“Na Hi Gyanen Sadrusam Pabitra Miha bidyate - meaning "there is nothing as sublime and pure as knowledge" - this verse of Gita (4/38) clearly promotes knowledge.““By integrating scientific temper with spiritual wisdom, individuals can develop a holistic approach to life, where rational thinking is not seen as a threat to spiritual beliefs but rather as a tool to enhance and deepen one's understanding of the world.

Challenges in Cultivating Scientific Temper

Despite its importance, cultivating scientific temper is not without challenges. One of the biggest obstacles is the prevalence of superstition and dogma in society. Many people are reluctant to question long-held beliefs, either due to cultural pressures or fear of the unknown. Additionally, the rise of misinformation, particularly on social media, has made it easier for pseudoscientific ideas to spread. Education plays a crucial role in overcoming these challenges. A curriculum that emphasizes critical thinking, logical reasoning, and evidence-based learning can help to foster scientific temper from a young age. Additionally, public awareness campaigns can help to demystify science and make it more accessible to the general public.

Conclusion

Scientific temper is more than just an intellectual pursuit; it is a way of life. It encourages a rational approach to understanding the world, promotes innovation, and fosters informed decision-making. In a world increasingly dominated by misinformation and superstition, the need for scientific temper has never been greater. By cultivating this mindset, we can build a society that is not only more informed but also more just, equitable, and progressive. The integration of scientific temper with spiritual wisdom can further enhance our understanding of the world, leading to a more harmonious and enlightened existence.

*Founder and Working Director, TRUST - a Science and Environment Lover Organization*
*Ph.8249775817*
*E-mail: nihar.acharya@rediffmail.com*

# NTPC Dulanga Celebrates 78th Independence Day with Grandeur and Pride

Sundargarh: NTPC Dulanga marked the 78th Independence Day with great splendor, reflecting the spirit of patriotism and commitment to national progress. The event commenced with the hoisting of the Indian National Flag by Shri Brij Raj Prasoon, Head of Project, NTPC Dulanga, followed by the rendition of the National Anthem, as all employees and associate staff stood in unison to honor the nation.In his address, Shri Brij Raj Prasoon paid homage to the bravery and courage of the freedom fighters who laid the foundation for India's independence.




He further emphasized NTPC's significant achievements, highlighting the company's growth trajectory with over 76 MW of installed capacity. Shri Prasoon also shared NTPC's latest initiatives in the fields of innovation and sustainability, and provided insights into the company's overall growth. Notably, he mentioned the record production milestones achieved by NTPC Mining Limited .Adding to the list of accomplishments, Shri Prasoon congratulated the employees of NTPC Dulanga for their continuous excellence, as the project secured a 5-star rating for the fourth consecutive year. He also lauded the team for achieving PRCfor the second time, winning the prestigious FIMI CSR Special Award, and earning the MSA 2024 Best Stall Award in Coal Mining.On this special occasion, Shri Prasoon recognized the exceptional contributions of employees by presenting them with Meritorious Awards, Health Champion Awards, and prizes for various competitions held in honor of the day. Smt. Kavita Saxena, President of Prerana Ladies Club, graced the event with her presence. Alongside the members of the Prerana Ladies Club, she participated in the 'Triveni Plantation' ceremony, planting Badgad, Neem, and Peepal trees. This initiative symbolized the importance of sustainability and NTPC's commitment to fostering aClean and Green India.xThe celebration concluded on a high note, reinforcing NTPC Dulanga's dedication to national development and environmental stewardship.

# ବିଜେପି ସରକାର ଉପରେ ଓଡିଶାବାସିଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି : ମନମୋହନ ସାମଲ

ଭୁବନେଶ୍ୱର, : ବିଜେପି ସରକାର ଉପରେ ଓଡିଶାବାସିଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି । ପୁଣି ଥରେ ଲୋକଙ୍କ ମନରେ ଗଣତାନ୍ତ୍ରୀକ ବ୍ୟବସ୍ଥା ପ୍ରତି ବିଶ୍ୱାସ ସୁଦୃଢ ହୋଇଛି । ନିର୍ବାଚନ ପ୍ରତିଶୃତିକୁ ପୁରଣ କରିବା ଆରମ୍ଭ କରିଦିଆଯାଇଛି । ବିକଶିତ ଭାରତ ଗଠନରେ ଓଡିଶାର ଭୁମିକା ଗୁରୁତ୍ୱ ବହନ କରିବ । ବିଜେପିର ନୂଆ ସରକାରକୁ ନେଇ ଓଙିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି । ଆଜିର ଏହି ମିଶ୍ରଣ ପର୍ବ ପାର୍ଟିର ସଂଗଠନକୁ ଆହୁରି ସୁଦୃଢ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ଉପସ୍ଥିତିରେ ରାୟଗଡା ଜିଲ୍ଲା ବିଜେଡିର ବରିଷ୍ଠ ସଂଗଠକ ଶ୍ରୀ ୟାଲା ଭେଙ୍କେଟେଶ୍ୱର ରାଓ ଓ ଭୁବନେଶ୍ୱର ମହାନିଗର ନିଗମର କର୍ପୋରେଟର୍ ତଥା ବିଜେଡି ନେତ୍ରୀ ଶ୍ରମତୀ ବନ୍ଦିତା ପାଲ ନିଜ ଜସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ, ଗରୀବ କଲ୍ୟାଣ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପାର୍ଟିରେ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଶ୍ରୀ ରାଓଙ୍କ ନେତୃତ୍ୱରେ ଆଦିବାସୀ ସମାଜ ସଭାପତି ଓ ଲ୍ୟାମ୍ପ ସଭାପତି ଚକ୍ରଧର ବିଡିକା, ଡମ୍ବ ସମାଜ ସଭାପତି ତଥା ଟ୍ରକ୍ ୟୁନିଅନ୍ ସଭାପତି ଧନିରାମ ନାଏକ, ଡମ୍ବ ସମାଜ ପୂର୍ବତନ ସଭାପତି ନରେନ୍ଦ୍ର ନାଏକ, ବାର୍ ଆସୋସିଏସନ୍ ପୂର୍ବତନ ସଭାପତି ବିରଜା ପ୍ରସାଦ ପାତ୍ର, ବରିଷ୍ଠ ବିଜେଡି ନେତା କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ଯୁବ ନେତା ଡି. ପୃଥ୍ୱୀରାଜ, ଏମ୍. ନିର୍ମଳ ରାଓ, ବି. ରଘୁରାମ, ଗୋପାଳ ଖୁରା, ମୀନାରାଓ ହିମିରିକା, କମଳ ସାଉଂଟା, କେ. ଶ୍ରିନିବାସ ରାଓ, ବରିଷ୍ଠ ଆଇନଜିବୀ ପ୍ରତିଭାଦା ଶ୍ରିନିବାସ, ବିଜୟଲକ୍ଷ୍ମୀ କୋଲକା, ରାଲି ରବି କେଶଭ୍ ପ୍ରମୁଖଙ୍କ ସମେତ ଜିଲ୍ଲାର ଅନେକ ବିଜେଡି ନେତା ଓ ନିର୍ବାଚିତ ଜନପ୍ରତିନିଧି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।



ସେହିପରି ଶ୍ରୀମତି ପାଲ୍ ନେତୃତ୍ୱରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଅର୍ଜୁନ ବେହେରା, ବିଜୁ ଯୁବ ଛାତ୍ର ଜନତାଦଳ ଉପସଭାପତି ପ୍ରଭୁଦତ ସାମଲ, ବିଜୁ ଯୁବ ଛାତ୍ର ଜନତାଦଳ ରାଜ୍ୟ ସାଧାରଣ ସମ୍ପାଦକ ରାକେଶ ମହାନ୍ତି, ଅବସରପ୍ରାପ୍ତ ପ୍ରଫେସର ରାଜକିଶୋର ମହାନ୍ତି, ୱାର୍ଡ ନଂ ୪୧ର ପୂର୍ବତନ କର୍ପୋରେଟର୍ ଗୁରୁ ଚରଣ ସାହୁ, ଏସ କେ ମୁକ୍ତାର, କେ. ରାମ ରେଡ୍ଡୀ, ସୁରଜ କୁମାର ନାଟକ, ନିହାର ରଞ୍ଜନ ରାୟ ମହାପାତ୍ର, ସତ୍ୟବାଦୀ ମହାରଣା, ଅକ୍ଷୟ କୁମାର ମହାନ୍ତି, ଉମାକାନ୍ତ ବେହେରା, ରଞ୍ଜିତ୍ ଦାସ, ଗ୍ୟାନରଞ୍ଜନ ବେହେରା, ଦୟାନିଧି ସ୍ୱାଇଁ, ପ୍ରଫୁଲ ପାତ୍ର, ପବିତ୍ର ବେହେରା, କୃପାସିନ୍ଧୁ ବେହେରା, ରଞ୍ଜିତ୍ କୁମାର ସାହୁ, ଦିବ୍ୟ ଲୋଚନ ନାୟକ, କୁନାଲ୍ ଜେନା, ସୁଜାତା ସାହୁ, ଲକ୍ଷ୍ମୀପ୍ରୀୟା ମିଶ୍ର, ସ୍ନେହଲତା ରାଉତ, ଶାନ୍ତି ବେହେରା, ଅଞ୍ଜନା ରାଜ, ମୀନତି ପଟ୍ଟନାୟକ, ସସ୍ମିତା ସାବତ, ବିଷ୍ଣୁ ବେହେରା, ବିଶ୍ୱରଞ୍ଜନ ମିଶ୍ର, ପ୍ରଦୀପ ଦାସ, ଅର୍ନ୍ତଯାମୀ ମହାରଣା, ବିଜୟ ଚନ୍ଦ୍ର ରାଉତ, ମନୋଜ କୁମାର ଓଝା, ମଞ୍ଜୁଲତା ଦାସ, ଗୀତା ଭୋଇ, ବାସନ୍ତି ବେହେରା, ମୌସୁମୀ ସେନାପତି, ନିରୁପମା ସେନାପତି, ସୁଭଦ୍ରା ବେହେରା, ପ୍ରଭାତୀ ସାହୁ, ସସ୍ମିତା ଭୂୟାଁ, ଗୀତାଞ୍ଜଳି ଗୁରୁ, ରୁକ୍ମଣୀ ବେହେରା, ରାଜଶ୍ରୀ ମହାନ୍ତି, ବିନୋଦିନୀ ବେହେରା, ସବିତା ଦାସ, ସୁମା ଚକ୍ରବତୀ, ମଇନା ମହାନ୍ତି, ମାନସ ସାହାଣୀ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବ ଅବସରରେ ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଂଜନ ମିଶ୍ର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# କଣିହାଁ ବ୍ଲକ ଅଫିସ ସମ୍ମୁଖରେ ମହିଳା ବିକ୍ଷୋଭ

କଣିହାଁ, : ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ କଣିହାଁ ବ୍ଲକ କମିଟି ପକ୍ଷରୁ କଣିହାଁ ବ୍ଲକ ଅଫିସ ସମ୍ମୁଖରେ ଏକ ମହିଳା ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ବିକ୍ଷୋଭକାରୀ ମହିଳାମାନେ କଣିହାଁ ଗାନ୍ଧୀ ମଣ୍ଡପ ଠାରୁ ଏକ ଶୋଭାଯାତ୍ରାରେ ବାହାରି କଣିହାଁ ବଜାର ପରିକ୍ରମା କରିବା ପରେ ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ । ମଦ ଓ ମାଦକ ଦ୍ରବ୍ୟ କୁ ସଂପୂର୍ଣ୍ଣ ନିଷିଦ୍ଧ କରିବା, ଆକାଶଛୁଆଁ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ନାରୀ ନିର୍ଯାତନା ବନ୍ଦ କରିବା, ଅଶ୍ଳୀଳତା ଓ ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା, ଆର. ଜି. କର ମେଡିକାଲ କଲେଜରେ ଡାକ୍ତରୀ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କୁ କଠୋର ଶାସ୍ତି ଦେବା, ଏସ୍. ସି. ବି ମେଡିକାଲରେ ରୋଗୀଙ୍କୁ ବଳାତ୍କାର ଅଭିଯୋଗର ତଦନ୍ତ କରି ଅପରାଧୀ ଡାକ୍ତର କୁ କଠୋର ଦଣ୍ଡ ଦେବା ଏବଂ ସର୍ବତ୍ର ନାରୀ ଓ ଶିଶୁ କନ୍ୟା ମାନଙ୍କୁ ନିରାପତ୍ତା ପ୍ରଦାନ କରିବାକୁ ବିକ୍ଷୋଭକାରୀ ମହିଳାମାନେ ଦାବି କରିଥିଲେ । ଏହି ବିକ୍ଷୋଭରେ ସଂଗଠନର ଜିଲ୍ଲା ସଂପାଦିକା ମାନସୀ ସ୍ୱାଇଁ, ବ୍ଲକ କମିଟି ସଭାପତି ପ୍ରଗତିବାଳା ନାୟକ, ସଂପାଦିକା ମିନତୀ ସାମଲ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହ ଦୃଢ ଦାବି କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଗଠିକା ପଙ୍କଜୀନୀ ସିଂ, ନିର୍ମଳା ପ୍ରଧାନ, ବୈଦେହୀ ପ୍ରଧାନ, ମିଲି ସାହୁ, ଜେମାମଣି ନାଏକ, ଲିଲି ସାହୁ, ଗୌରୀ ନାଏକ, ରୁକ୍ମିଣୀ ପଣ୍ଡା, ସୁଷମା ନାଏକ, ସଙ୍ଗୀତା ସିଂ, କାବେରୀ ଜେନା ସାମିଲ ଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବିପତ୍ର କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

# ଓଡ଼ିଶାରେ ଆତଙ୍କବାଦୀ ଷଡଯନ୍ତ୍ର, ଚୀନ ଓ ବାଂଲାଦେଶରୁ ଆସୁଛି କଲ୍

ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱରରେ ୭ଟି ସିମ୍ ବକ୍ସ ଠାବ ହୋଇଛି । ଯାହାକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ପୋଲିସ କମିଶନର ସଞ୍ଜୀବ ପଣ୍ଡା ସିମ ବକ୍ସ ଜବତ ଘଟଣାରେ ବାଂଲାଦେଶ ଲିଙ୍କ ରହିଥିବା ସ୍ପଷ୍ଟ କରିଛନ୍ତି । ଏଥିରେ ଗିରଫ ହୋଇଥିବା ରାଜୁ ମଣ୍ଡଳଙ୍କ ଏହି ମାମଲାରେ ବାଂଲାଦେଶ ଲିଙ୍କ୍ ରହିଛି । ସିମ ବକ୍ସ ବାଂଲାଦେଶ ସୀମା ଦେଇ ପଶ୍ଚିମବଙ୍ଗ ପରେ ଭୁବନେଶ୍ୱରରେ ପହଞ୍ଚୁଛି । ପଶ୍ଚିମବଙ୍ଗର ରାଜୁ ମଣ୍ଡଳ ଜରିଆରେ ବାଂଲାଦେଶର ଆଶାଦୁର ଜମାନ ହିଁ ଏହାକୁ ଅପରେଟ କରୁଥିବା ନେଇ କହିଛନ୍ତି ପୋଲିସ କମିଶନର । ସିମବକ୍ସ ସହ ବାଂଲାଦେଶ ଲିଙ୍କ ପଦାରେ ପଡିବା ପରେ ପୋଲିସର ଚିନ୍ତା ବଢିଯାଇଛି । କାରଣ ସିମବକ୍ସର ବ୍ୟବହାର ଆତଙ୍କବାଦୀ ମାନେ କରିଥାନ୍ତି । ତେଣୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ରାଜୁ ମଣ୍ଡଳକୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଯୋଜନା କରିଛି କମିଶନରେଟ ପୋଲିସ । ଆବଶ୍ୟକ ପଡିଲେ




କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ମଧ ସାହାଯ୍ୟ ଲୋଡିବ କମିଶନରେଟ ପୋଲିସ । ଶୁକ୍ରବାର ରେଡ୍ ହୋଇଥିବା ଘରୁ ପାଖାପାଖି ୧୦୦୦ଟି ପ୍ରି ଆକ୍ଟିଭେଟ ସିମ୍ ମିଳିଛି । ସେଗୁଡିକ ସବୁ ପଶ୍ଚିମବଙ୍ଗରୁ ଆକ୍ଟିଭେଟ ହୋଇଥିବା ଜଣାପଡିଛି । ପୋଲିସ କମିଶନରନୁସାରେ ରାଜୁ ମଣ୍ଡଳ ଭୁବନେଶ୍ୱରର ଏକ ଭଡା ଘରରୁ ଏହି ସିମ୍ ଅପରେଟ କରୁଥିଲେ । ତେବେ ଏହି ସିମ୍‌ବକ୍ସକୁ ପାକିସ୍ତାନ, ଚାଇନା ସହ ମଧ୍ୟପ୍ରାଚ୍ୟ ଇତ୍ୟାଦି ଇଣ୍ଟରନ୍ୟାଶନାଲରୁ କଲ୍ ? ଆସୁଥିଲା । ତେବେ ଭୁବନେଶ୍ୱର ଛଡା ଅନ୍ୟ ସ୍ଥାନରେ ୨ଟି ସିମବକ୍ସ ଏବେ ବି ଆକ୍ଟିଭ ରହିଛି । ତେବେ ଏହି ସିମ୍‌ବକ୍ସ ଦ୍ୱାରା ନିର୍ଦ୍ଦିଷ୍ଟ କେଉଁ ଅପରାଧରେ ବ୍ୟବହାର ହେଉଥିଲା ସେନେଇ ପୋଲିସ ତଦନ୍ତ କରୁଛି । ତେବେ ପ୍ରାଥମିକ ତଦନ୍ତୁ ଜଣାପଡିଛି ଯେ ଏହି ସିମ୍‌ବକ୍ସ ସାଇବର କ୍ରାଇମ୍, ହେଟ୍ ମେସେଜ ଓ ଆତଙ୍କବାଦୀ ଆକ୍ରମଣ ଇତ୍ୟାଦି ବଡ଼ ବଡ଼ ଅପରାଧ ପାଇଁ ବ୍ୟବହାର ହେଉଥିଲା । ଆବଶ୍ୟକ ପଡିଲେ କେନ୍ଦ୍ରୀୟ ସଂସ୍ଥାର ସହଯୋଗ ନିଆଯିବ । ତେବେ ଏହା ଲ ଏନଫୋରସିଙ୍ଗ ଏଜେନ୍ସିଙ୍କ ତଦନ୍ତରେ ବାଧା ସୃଷ୍ଟି ପାଇଁ ବ୍ୟବହୃତ ହେଉଥିଲା ବୋଲି କମିଶନର କହିଛନ୍ତି ।

# ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ଅସିତ୍ ତ୍ରିପାଠୀ

ଭୁବନେଶ୍ୱର, : ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦରୁ ଅସିତ୍ ତ୍ରିପାଠୀ ଇସ୍ତଫା ଦେଇଛନ୍ତି । ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀଙ୍କ ଇସ୍ତଫାକୁ ଆଜି ଅପରାହ୍ନରୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି । ସେ



୨୦୨୦ ମସିହାରୁ ଏହି ଦାୟିତ୍ୱରେ ଥିଲେ । ହେଲେ ନୂଆ ସରକାର ଗଠନ ହେବା ପରେ ଅସିତ ତ୍ରିପାଠୀଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା ହେଉଥିଲା । ଏହାସହ ପୂର୍ବରୁ ଥିବା ନିଗମ ବା ବୋର୍ଡରୁ ଅନେକ ଅଧ୍ୟକ୍ଷ ସ୍ୱଇଚ୍ଛାରେ ଇସ୍ତଫା ଦେଇଥିବା ବେଳେ କିଛି ଅଧ୍ୟକ୍ଷଙ୍କୁ ବିଦା କରାଯାଇଥିଲା । ହେଲେ ସବୁଠାରୁ ଅଧିକ ଚର୍ଚ୍ଚା ଅସିତ ତ୍ରିପାଠୀଙ୍କୁ ନେଇ ଚାଲିଥିଲା । ସୂଚନାଯୋଗ୍ୟ, ଶ୍ରୀ ତ୍ରିପାଠୀ ରାଜ୍ୟ ମୁଖ୍ୟ ସଚିବ ଭାବେ ୨୦୨୦ ଡିସେମ୍ବର ୩୧ତାରିଖରେ ଅବସର ନେବା ପୂର୍ବରୁ ତାଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦରେ ବିଜେଡି ସରକାର ଥଇଥାନ ପାଇଁ ନିର୍ଦ୍ଦେଶନାମା ଜାରି କରିସାରିଥିଲେ । ସେ ବିଜେଡି ସରକାରଙ୍କ ଫେଭରାଇଟ୍ ଆଇଏଏସ୍ ଭାବେ ପରିଚିତ ଥିଲେ ।

# ନିମାପଡ଼ା ଏନଏସି କାଉନସିଲର ମାନଙ୍କ ଅଜ୍ଞାତବାସ

ନିମାପଡ଼ା : ନିମାପଡ଼ା ଏନଏସି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ୍ ଆସନ୍ତା ୨୦ ତାରିଖରେ କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଗତ ରାତିରୁ କାଉନସିଲର ମାନଙ୍କ ଅଜ୍ଞାତବାସ ହୋଇଥିବା ଜଣାପଡିଛି । ସୂଚନାନୁଯାୟୀ କାର୍ଯ୍ୟରେ ଅନିୟମିତତା ଦର୍ଶାଇ ନିମାପଡ଼ା ଏନଏସି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ୮ଜଣ କାଉନସିଲର ଗତ ୧୨ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ । ଏହି ଆଧାରରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଚିଠି ନଂ ୧୧୧୯, ତା ୧୩-୦୮-୨୦୨୪ରେ ବିଜ୍ଞପ୍ତି ଜାରି କରିଛନ୍ତି । ସମସ୍ତ କାଉନସିଲର, ଉପାଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବୈଠକର ୩ଦିନ ପୂର୍ବରୁ ଏ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ଏନଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୦ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଏନଏସିର ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବୈଠକ ଡକାଯାଇ ଅନାସ୍ଥା ଭୋଟ୍ କରାଯିବାକୁ ସ୍ଥିର କରାଯାଇଛି । ଏପଟେ ଅନାସ୍ଥା ଭୋଟ୍ ପାଇଁ



ଜିଲ୍ଲାପାଳଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୧୫ତାରିଖ ରାତିରୁ କେତେଜଣ କାଉନସିଲରଙ୍କ ଦେଖା ମିଳୁ ନଥିବା ଜଣାପଡିଛି । ଅନାସ୍ଥା ଭୋଟ ପାଇଁ ପ୍ରଲୋଭନର ଶିକାର ନହୋଇ, ମତ ପରିବର୍ତ୍ତନ ନକରିବା ପାଇଁ ସେମାନେ ଅଜ୍ଞାତବାସରେ ରହିଛନ୍ତି ବୋଲି ଅଞ୍ଚଳରେ ଆଲୋଚନା ହେଉଛି ।

# ଦାରା ସିଂଙ୍କୁ ଆଜୀବନ ମୁକ୍ତି ପାଇଁ ଆବେଦନ : ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ/ଭୁବନେଶ୍ୱର, : ବହୁ ଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାରେ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ୍ ପଠାଇଛନ୍ତି । ଜେଲ୍‌ରୁ ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି ଏହି ମାମଲାର ଅଭିଯୁକ୍ତ ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲ୍। ଏହାକୁ ଗ୍ରହଣ କରିବା ସହ





ରାଜ୍ୟ ସରକାରଙ୍କୁ ନୋଟିସ୍ କରି ଆସନ୍ତା ୨୭ ତାରିଖରେ ପରବର୍ତ୍ତୀ ମାମଲାର ଶୁଣାଣି ହେବ। ଗତ ୨୪ ବର୍ଷ ହେଲା ଦାରା ସିଂ ଜେଲ୍‌ରେ ଆଜୀବନ ସଜା କାଟୁଛନ୍ତି। ସେ ଆଜୀବନଠାରୁ ଅଧିକ ବର୍ଷ ଜେଲ୍‌ରେ ରହିଲେଣି। ରାଜୀବ ଗାନ୍ଧୀ ହତ୍ୟା ମାମଲାର ଦୋଷୀଙ୍କୁ ମୁକ୍ତ କରିବା ନେଇ ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ନିକଟରେ ଦୟା ଆବେଦନ କରିଛନ୍ତି ତେଲଙ୍ଗାନା ବିଧାୟକ ତଥା ସିଂଙ୍କ ଭାଇ ଟି ରାଜା ସିଂ। ଆଜୀବନ ଦଣ୍ଡରୁ ମୁକ୍ତି ପାଇଁ ସେ ଚିଠି ଲେଖିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଜଷ୍ଟିସ୍ ହୃଷୀକେଶ ରାୟ ଓ ଜଷ୍ଟିସ ଏସ୍ ଭି ଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ବେଞ୍ଚ ମାମଲାର ଶୁଣାଣି କରୁଛନ୍ତି। ପୂର୍ବରୁ ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ୧୨ ଜାନୁଆରୀ ୨୦୨୨ରେ ଦାରାଙ୍କ ଆବେଦନକୁ ନାକଚ କରିଥିଲେ। ସୂଚନାଯୋଗ୍ୟ, ୧୯୯୯ ଜାନୁଆରୀ ୨୧ରେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମ ଚର୍ଚ୍ଚ ସମ୍ମୁଖରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଦାରା ସିଂ ଓ ତାଙ୍କ ସହଯୋଗୀମାନେ ପୋଡ଼ି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସେତେବେଳେ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲା।




# ଯୋଗୀ ସରକାରଙ୍କୁ ହାଇକୋର୍ଟ ଝଟକା, ୬୯୦୦୦ ଶିକ୍ଷକ ନିଯୁକ୍ତି ସଂପର୍କିତ ମେରିଟ୍ ଲିଷ୍ଟ ରଦ୍ଦ

ଲକ୍ଷ୍ନୌ : ୬୯ ହଜାର ଶିକ୍ଷକ ନିଯୁକ୍ତି ମାମଲାରେ ଆହ୍ଲାବାଦ ହାଇକୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ବଡ଼ ଝଟକା ଦେଇଛନ୍ତି। ଏହି ମାମଲାରେ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ (ଅଗଷ୍ଟ ୧୬) ରାୟ ଶୁଣାଇ ଏହି ନିଯୁକ୍ତିର ସମ୍ପୂର୍ଣ୍ଣ ମେରିଟ୍ ଲିଷ୍ଟକୁ ରଦ୍ଦ କରିଛନ୍ତି। ଏଥିସହିତ ୩ ମାସ ମଧ୍ୟରେ ନୂଆ ମେରିଟ୍ ଲିଷ୍ଟ ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ୟୁପିର ୬୯,୦୦୦ ସହକାରୀ ଶିକ୍ଷକ ନିଯୁକ୍ତି ମାମଲାରେ ଆଜି ଲକ୍ଷ୍ନୌ ହାଇକୋର୍ଟର ଡବଲ ବେଞ୍ଚ ଏକ ବଡ଼ ନିଷ୍ପତ୍ତି ଦେଇ ସମ୍ପୂର୍ଣ୍ଣ ଚୟନ ତାଲିକାକୁ ରଦ୍ଦ କରିଛନ୍ତି। ଜଷ୍ଟିସ୍ ଏ.ଆର. ଜଷ୍ଟିସ୍ ମାସୁଦି ଓ ଜଷ୍ଟିସ୍ ବ୍ରଜରାଜ ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସମଗ୍ର ଚୟନ ତାଲିକାକୁ ରଦ୍ଦ କରିବା ସହ ଦୁଇଜଣିଆ ବେଞ୍ଚ ଜଣିକିଆ ଖଣ୍ଡପୀଠ ବେଞ୍ଚଙ୍କ ପୂର୍ବ ଆଦେଶକୁ ରଦ୍ଦ କରିଛନ୍ତି। ଜଣିକିଆ ଖଣ୍ଡପୀଠ ୨୦୨୩ ମାର୍ଚ୍ଚ ୮ରେ ରାୟ ଦେଇଥିଲେ ଯେ ୨୦୨୦ ରେ ୬୯୦ ଶିକ୍ଷକ ନିଯୁକ୍ତି ତାଲିକା ବାତିଲ କରାଯାଇଛି। ରାଜ୍ୟ ସରକାର ୨୦୧୮ ଡିସେମ୍ବରରେ ୬୯ ହଜାର ସହକାରୀ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରିଥିଲେ ଓ ଏଥିପାଇଁ ୨୦୧୯ ଜାନୁଆରିରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।



ଏହି ନିଯୁକ୍ତିରେ ୪ ଲକ୍ଷ ୧୦ ହଜାର ପ୍ରାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୪୦ ହଜାର ପରୀକ୍ଷାର୍ଥୀ ସଫଳ ହୋଇଥିଲେ। ଏହାପରେ ସରକାର ମେରିଟ୍ ଲିଷ୍ଟ ବାହାର କରିଥିଲେ। ମେରିଟ୍ ଲିଷ୍ଟ ଆସିବା ମାତ୍ରେ ବିବାଦ ହୋଇଥିଲା, କାରଣ ଯେଉଁ ପ୍ରାର୍ଥୀମାନେ ସେମାନଙ୍କୁ ଚୟନ କରାଯିବ ବୋଲି ବିଶ୍ୱାସ କରୁଥିଲେ, ସେମାନଙ୍କ ନାଁ ତାଲିକାରେ ନଥିଲା । ଏହାଛଡ଼ା ସଂରକ୍ଷଣ କ୍ଷେତ୍ରରେ ବି ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା ।

# ବେଙ୍ଗଲ ସରକାରଙ୍କ ଉପରେ ବର୍ଷିଲେ ହାଇକୋର୍ଟ

## ନିର୍ଭୟରେ କାର୍ଯ୍ୟ କରିବାର ପରିବେଶ ସୃଷ୍ଟି କର

ନୂଆଦିଲ୍ଲୀ : ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଭଙ୍ଗାରୁଜା ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି କଲିକତା ହାଇକୋର୍ଟ। ରାଜ୍ୟ ପ୍ରଶାସନର ଏହା ସମ୍ପୂର୍ଣ୍ଣ ରୂପେ ବିଫଳତା ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଏପରି ହେଲେ ମହିଳାମାନେ କିପରି ସୁରକ୍ଷିତ ଭାବେ କାର୍ଯ୍ୟ କରିପାରିବେ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଆରଜି କର ମେଡିକାଲ କଲେଜରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟାକୁ ନେଇ ସ୍ୱାଧୀନତା ଦିବସ ପୂର୍ବ ଦିନ ରାତିରେ ଲକ୍ଷ ଲକ୍ଷ ସଂଖ୍ୟକ ଲୋକ ଆନ୍ଦୋଳନ କରିଥିଲେ। ଏହି



ସମୟରେ ପ୍ରାୟ ୭ ହଜାରରୁ ଅଧିକ ଆନ୍ଦୋଳନକାରୀ ମେଡିକାଲ କଲେଜକୁ ଧସେଇ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଘଟଣା ପରେ ପୁଲିସ ଏକାଧିକ ଭିଡିଓ ଜାରି କରି ୧୯ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିଛି। ଆଜି କଲିକତା ହାଇକୋର୍ଟ ଏ ଉପରେ ଶୁଣାଣି କରି ଏପରି ଘଟଣା ରାଜ୍ୟ ସରକାରଙ୍କ ବିଫଳତା ପାଇଁ ଦାୟୀ ବୋଲି କହିଛନ୍ତି। ଘଟଣାକୁ ଦୁଃଖଦପୂର୍ଣ୍ଣ ଦର୍ଶାଇ ହାଇକୋର୍ଟ ମୁଖ୍ୟ ବିଚାରପତି କହିଛନ୍ତି, ଆପଣ (ପୁଲିସ) କିଛି ବି ଘଟଣାରେ ସିଆରପିସିର ଧାରା ୧୪୪ ଲାଗୁ କରି ଦେଉଛନ୍ତି। ଯେତେବେଳେ ଏତେ ସଂଖ୍ୟକ ଲୋକେ ଆନ୍ଦୋଳନକୁ ଆସୁଥିଲେ, ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରିବାର ଅବଶ୍ୟକ ଥିଲା। କମସେ କମ୍ ୭,୦୦୦ ଲୋକ ଆସିପାରି ନଥାନ୍ତେ। ଏଭଳି ଘଟଣା ଡାକ୍ତର ଏବଂ ଡାକ୍ତରୀ କର୍ମଚାରୀଙ୍କ ମନୋବଳ ତଥା ଆତ୍ମବିଶ୍ୱାସ ଉପରେ ଘୋର ପ୍ରଭାବ ପକାଇଥାଏ। ଏପରି ପରିବେଶ ତିଆରି କରିବା ଉଚିତ୍, ଯେମିତି ସ୍ୱାସ୍ଥ୍ୟକର୍ମୀମାନେ ବିନା କୌଣସି ହିଂସାର ଭୟ ନକରି ନିଜର କର୍ତ୍ତବ୍ୟ ସମ୍ପାଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଭବିଷ୍ୟତରେ ଏପରି ଘଟଣା ଯେପରି ନହୁଏ ସେଥିପ୍ରତି ତୁରନ୍ତ ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଆହ୍ୱାନ କରିଛନ୍ତି କଲିକତା ହାଇକୋର୍ଟ।

# ପାରାଦୀପରେ ଅଟକ ଥିବା ବିଦେଶୀ ଜାହାଜକୁ ଗିରଫ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ

ପାରାଦୀପ: ପାରାଦୀପରେ ଅଟକ ଥିବା ବିଦେଶୀ ଜାହାଜକୁ ଗିରଫ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ। ଏମଭି ୱାଡି ଆଲବୋଷ୍ଟୋନ୍ ନାମକ



ଇଜିପ୍ଟ ଫ୍ଲାଗସିପକୁ ଗିରଫ ନିର୍ଦ୍ଦେଶକୁ ଗିରଫ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପରବର୍ତ୍ତୀ ନିର୍ଦ୍ଦେଶ ନମିଳିବା ପର୍ଯ୍ୟନ୍ତ ଜାହାଜକୁ ଛଡ଼ା ନଯିବାକୁ ନିର୍ଦ୍ଦେଶ ହୋଇଛି। ଜର୍ମାନୀର କମ୍ପାନୀ ଏଲବୋଏଲ ଜିଏମବିଏଚ୍ କମ୍ପାନୀ ମାଲିକଙ୍କ ଆବେଦନ ଉପରେ ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜାହାଜ ଠାରୁ ପ୍ରାୟ ୪ କୋଟି ଟଙ୍କା ପାଇବାକୁ ଜର୍ମାନୀ କମ୍ପାନୀ ଆବେଦନ କରିଥିଲେ। ଏହି ଟଙ୍କା ନ ମିଳିବାରୁ ଜାହାଜକୁ ଗିରଫ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୧୫ ଦିନ ତଳେ ଚାଇନାର ଏକ ଜାହାଜକୁ ମଧ୍ୟ ଏଭଳି ଗିରଫ କରାଯାଇଥିଲା।

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର